# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

Vol.24 . No.220 Bhubaneswar Thursday, October 21, 2021 | ୨୪ତମ ବର୍ଷ ସଂଖ୍ୟା-୨୨୦ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak




ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ଭାରତୀ ପ୍ରବୀଣ ପାୱାର ନୂଆଦିଲ୍ଲୀସ୍ଥିତ ବର୍ଦ୍ଧମାନ ମହାବୀର ମେଡ଼ିକାଲ କଲେଜ ଏବଂ ସଫଦରଜଙ୍ଗ ହସ୍ପିଟାଲରେ ବ୍ୟାପକ ପୁନରୁଦ୍ଧାର ତାଲିମ କେନ୍ଦ୍ର ଉଦ୍‌ଘାଟନ କରିବା ପରେ ପରିଦର୍ଶନ କରୁଛନ୍ତି

## ବିଜେଡିରେ ଲକ୍ଷ୍ମୀପୁରର ପୂର୍ବତନ କଂଗ୍ରେସ ବିଧାୟକ କୈଳାଶ କୁଲେସିକା

ଭୁବନେଶ୍ୱର,୨୦।୧୦(ପି.ଏନ): ବିଜେଡ଼ିରେ ଯୋଗ ଦେଇଛନ୍ତି ଲକ୍ଷ୍ମୀପୁରର ପୂର୍ବତନ କଂଗ୍ରେସ ବିଧାୟକ କୈଳାଶ କୁଲେସିକା। ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପଦ୍ମିନୀ ଦିଆନ ପ୍ରମୁଖଙ୍କ ଉପସ୍ଥିତି କୈଳାଶ କୁଲେସିକା ନିଜ ସମର୍ଥକମାନଙ୍କ ସହିତ ସେ ବିଜେଡ଼ିରେ ସାମିଲ ହୋଇଛନ୍ତି। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ସେ ଲକ୍ଷ୍ମୀପୁରରୁ ବିଧାୟକ ଥିବାବେଳେ ୨୦୧୯ ନିର୍ବାଚନରେ ମାତ୍ର ୨୨୯ ଖଣ୍ଡ ଭୋଟରେ ବିଜେଡ଼ି ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିଲେ।

## ଭୁବନେଶ୍ୱରରୁ ଆଉ ୨୦୯ ପଜିଟିଭ୍

ଭୁବନେଶ୍ୱର, ୨୦।୧୦(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ବୁଧବାର ଦିନ ୨୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୪ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୫୫ ଜଣ ଲୋକାଲ ମାମଲା ରହିଛନ୍ତି। ଅପରପକ୍ଷରେ ଗତ ୨୪ ଘଂଟାରେ ଆଉ ୨୧୨ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୬୪୫୬କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୧୧୮୩୩ ଜଣ ସୁସ୍ଥ ହୋଇଥିବା ବେଳେ ବର୍ତ୍ତମାନ ୩୫୫୮ ସକ୍ରିୟ ମାମଲା ରହିଛି। ସେହିପରି ମୃତକଙ୍କ ସଂଖ୍ୟା ୧୦୪୪ରେ ପହଂଚିଛି।

## ଗୋଟିଏ ଦିନରେ ୫୫୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୫୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୬୫୩୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୩ ହଜାର ୭୮୦ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୭୮୫ ରହିଛି। ଆଜି ଚିହ୍ନଟ ହୋଇଥିବା ୫୫୯ ଜଣଙ୍କ ମଧ୍ୟରୁ ୩୨୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୩୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୭୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨, ବାଲେଶ୍ୱରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨, ଭଦ୍ରକରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୫୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୧୦ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ମମିତା ମେହେର ଅପହରଣ ଓ ହତ୍ୟା ମାମଲା :ଏସପିଙ୍କୁ ରିପୋର୍ଟ ତଲବ କଲେ ମହିଳା କମିଶନ

ଭୁବନେଶ୍ୱର,୨୦।୧୦(ପି.ଏନ): ମହାଲିଙ୍ଗ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ମାମଲାରେ ରିପୋର୍ଟ ତଲବ କରିଛନ୍ତି ମହିଳା କମିଶନ। ମହିଳା କମିଶନ ପକ୍ଷରୁ କଳାହାଣ୍ଡି ଏସପିଙ୍କୁ ରିପୋର୍ଟ ତଲବ କରାଯାଇଛି। ମହିଳା କମିଶନ ଅଧକ୍ଷା ମିନତି ବେହେରା କହିଛନ୍ତି ଯେ କଳାହାଣ୍ଡି ଏସପିଙ୍କୁ ରିପୋର୍ଟ ମଗାଯାଇଛି ଓ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଶ୍ରୀକ୍ଷେତ୍ରରେ ଏନ୍‌କାଉଣ୍ଟର, ଦୁର୍ଦ୍ଦାନ୍ତ ବିଜୁ ଆହତ



ପୁରୀ,୨୦।୧୦(ପି.ଏନ): ଦୁର୍ଦ୍ଦାନ୍ତ ଅପରାଧୀ ବିଜୁ ବେହେରାକୁ ଏନ୍‌କାଉଣ୍ଟର କଲା ପୁରୀ ପୁଲିସ୍। ଫଳରେ ବିଜୁର ବାମ ଗୋଡରେ ବାଜିଛି ଗୁଳି। ତାକୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଶ୍ରୀକ୍ଷେତ୍ର ପୁରୀ ନରେନ୍ଦ୍ରକୋଣରେ ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛି ବିଜୁ। ମଙ୍ଗଳବାର ରାତିରେ ନରେନ୍ଦ୍ରକୋଣରେ ଜଣେ ମହିଳାଙ୍କୁ ଗୁଳି କରିଥିଲା ବିଜୁ। ଗୁଳି ମାଡ ପରେ ଅଭିଯୁକ୍ତ ବିଜୁ ବେହେରା ଚ଼ନ୍ଦନପୁର ଥାନା ଅଞ୍ଚଳରେ ଲୁଚି଼ ରହିଥିଲା। ଏ ସମ୍ପର୍କରେ ଖବର ପାଇ ପୁଲିସ୍ ଅଚା଼ନକ ଚ଼ଢ଼ଉ କରିଥିଲା। ବିଜୁକୁ ଆତ୍ମସମର୍ପଣ କରିବାକୁ ପୁଲିସ୍ କହିଥିଲା। କିନ୍ତୁ ସେ ପୁଲିସ ଉପରକୁ ପ୍ରଥମେ ଗୁଳି ଚ଼ଳାଇଥିଲା। ଏହାର ପ୍ରତି ଜବାବ ଦେଇଥିଲା ପୁଲିସ୍। ବିଜୁ ଉପରକୁ ପୁଲିସ ପାଲଟା ଗୁଳି ଚା଼ଳନା କରିଥିଲା। ଫଳରେ ବିଜୁର ବାମ ଗୋଡରେ ବାଜିଥିଲା ଗୁଳି। ପରେ ତାକୁ କାବୁ କରିବାରେ ସମ୍ଭବପର ହୋଇଥିଲା ପୁଲିସ। ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତା' ପାଖରୁ ପୁଲିସ୍ ଏକ ପିସ୍ତଲ ଓ ୩ ରାଉଣ୍ଡ ଗୁଳି ଜବତ କରିଛି। ଏଥିରେ ପୁରୀ କୁମ୍ଭାରପଡ଼ା ଥାନାର ଏସ୍‌ଆଇ ଦିବ୍ୟରଂଜନ ପଣ୍ଡା ମଧ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## 'ଦିବ୍ୟଶଙ୍କର' ନିଆଁକୁ ଅଣ୍ଟିରେ ପୁରାଇଛନ୍ତି ନବୀନ : ଜାନକୀ ଯୁଗର ପୁନରାବୃତ୍ତି ହେବ କି ?



ଭୁବନେଶ୍ୱର,୨୦।୧୦(ପି.ଏନ): ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେରଙ୍କ ନିର୍ମମ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହ ଘନିଷ୍ଠତା ଓ ସେକ୍ସ ସ୍କାଣ୍ଡାଲରେ ଗୃହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗକୁ ନେଇ ଗତ ୩ଦିନ ଧରି ରାଜ୍ୟରେ ସରଗରମ ପରିସ୍ଥିତି ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଦାବିଷ୍ଟ ସାଜିଛନ୍ତି। ମହିଳାଙ୍କୁ ନିର୍ମମ ହତ୍ୟାର ତଥ୍ୟ ପ୍ରମାଣ ମିଳିବା ସତ୍ତ୍ୱେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିରବତା ଓ ଏଭଳି ବେପରୁଆ ଆଭିମୁଖ୍ୟ ଓଡିଶାରେ ୯୦ ଦଶକରେ କଂଗ୍ରେସ ଶାସନର ପୁନରାବୃତ୍ତିର ଅଯଂଆରମ୍ଭ ବୋଲି ଚ଼ର୍ଚ୍ଚା ହେଉଛି। ନିଜର ଭାବମୂର୍ତ୍ତି ପାଇଁ ୫ଥର ଶାସନରେ ବସିଥିବା ନବୀନ ଏବେ ଏଭଳି ସଙ୍ଗୀନ ଅଭିଯୋଗ ସତ୍ତ୍ୱେ ଗୃହମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କାହିଁକି ସାହାସ କରିପାରୁନାହାନ୍ତି ଓ କ'ଣ ତାଙ୍କ ପାଇଁ ବାଧକ ସାଜିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବେବିନା, ଇତିଶ୍ରୀ, ମାଧବୀଲତା, ସସ୍ମିତା ଓ ସ୍ମିତାରାଣୀ ହତ୍ୟା ଭଳି ମମିତା ହତ୍ୟା ମାମଲା ବି କିଛିଦିନର ହୋ-ହାଲ୍ଲା ପରେ ଶାନ୍ତ ପଡିଯିବ ଭାବି ନବୀନ ସରକାର ଚୁପ୍ ବସି ପଡିଛନ୍ତି। ତେବେ ନବେ ଦଶକରେ ତତକାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସରକାର ଯେଉଁଳି ଅଞ୍ଜନା ମିଶ୍ର ମାମଲାରେ ତତକାଳୀନ ଆଡଭୋକେଟ୍ ଜେନେରାଲ ଇନ୍ଦ୍ରଜିତ୍ ମହାନ୍ତିଙ୍କୁ ସୁରକ୍ଷା ଦେବାକୁ ଜିଦ୍ ଦେଖାଇ ନିଜ ଶାସନର ଅନ୍ତ ଘଟାଇଥିଲା, ଏବେ ଠିକ୍ ସେଭଳି ମମିତା ମେହେର ମାମଲାରେ ନବୀନ ପଟ୍ଟନାୟକ ସରକାର ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ସୁରକ୍ଷା ଦେବାର ଜିଦ୍ ଧରି ପରୋକ୍ଷରେ ବିଜେଡି ଶାସନର ପତନର ବୀଜରୋପଣ କରୁଥିବା ଚ଼ର୍ଚ୍ଚା ହେଉଛି ।ନିର୍ଭରଯୋଗ୍ୟ ସୂତ୍ର ଅନୁସାରେ, ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ୧୩ ତାରିଖରେ ପୁଲିସ ୪ଦିନ ଅଟକ ରଖିବା ଭିତରେ ସେ ନିଜର ଗଡଫାଦର ତଥା ଗୃହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଫୋନ୍ ନମ୍ବରକୁ ଏକାଧିକ ଥର ଫୋନ୍ କରିଛନ୍ତି। ଏପରିକି ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚି଼ବଙ୍କ ସହ ମଧ ୩ରୁ ୪ଥର କଥା ହୋଇଥିବାର ସୂଚ଼ନା ମିଳିଛି। ତେଣୁ ୧୭ତାରିଖରେ ଗୋବିନ୍ଦ ଫେରାର ହେବା ପଛରେ ଗୃହ ମନ୍ତ୍ରୀଙ୍କ ଭୂମିକା କ'ଣ ଥିଲା ତାହା ପୁଲିସ ତଦନ୍ତ ପରିସରଭୁକ୍ତ ହେବା ଜରୁରୀ ହୋଇପଡିଛି ।ସେହିପରି ଗୋବିନ୍ଦଙ୍କ ସ୍କୁଲକୁ ମନ୍ତ୍ରୀ ଶ୍ରୀ ମିଶ୍ର ଅନେକଥର ଯାଇଥିବା ଓ ସେଠାରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ରହିବାର ତଥ୍ୟ ପ୍ରମାଣ ବି ପୁଲିସ ହାତରେ ଲାଗି ସାରିଛି ଏବଂ ମନ୍ତ୍ରୀଙ୍କ ବଳରେ ଗୋବିନ୍ଦ ନିଜର ଅନୈତିକ କାର୍ଯ୍ୟ ମାଧ୍ୟମରେ ପ୍ରଭାବଶାଳୀ ପାଲଟିଥିବା ସ୍ପଷ୍ଟ ହୋଇଛି। ତେଣୁ ଗୃହ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଛି। ଉଭୟ ଗୋବିନ୍ଦ ଓ ଶ୍ରୀ ମିଶ୍ରଙ୍କ ଫୋନ୍ କଲ୍ ରେକର୍ଡସରୁ ଉଭୟଙ୍କର ସମ୍ପର୍କ ଘନିଷ୍ଠତାର ପ୍ରମାଣ ପୁଲିସକୁ ସହଜରେ ମିଳିପାରିବ। ତେବେ ପ୍ରଶ୍ନ ଉଠୁଛି, ନିଜର ବସ୍ (ଗୃହମନ୍ତ୍ରୀ) ଶ୍ରୀ ମିଶ୍ରଙ୍କୁ ଦେଖିବାମାତ୍ରେ ସାଲ୍ୟୁଟ୍ କରୁଥିବା ରାଜ୍ୟ ପୁଲିସ କ'ଣ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସାହାସ କରିପାରିବ ? ଏହା ମଧ ପୁଲିସ ପକ୍ଷେ ସମ୍ଭବପର ନୁହେଁ? ଶ୍ରୀ ମିଶ୍ର ମନ୍ତ୍ରୀ ଥିବା ପର୍ଯ୍ୟନ୍ତ ତଦନ୍ତ ମଧ ନିରପେକ୍ଷ ହେବ ବୋଲି ଆଶା କରାଯାଇ ନପାରେ। ସେହିପରି ୨୦୧୯ ସାଧାରଣ ନିର୍ବାଚ଼ନ ପରଠୁ କଳାହାଣ୍ଡି ଜିଲ୍ଲା ରାଜନୀତିରେ ଶ୍ରୀ ମିଶ୍ରଙ୍କ ପ୍ରଭାବ ବୃଦ୍ଧି ଓ ରାଜ୍ୟର ୪ଟି ହେଭିୱେଟ୍ ବିଭାଗର ମନ୍ତ୍ରୀ ପଦ ତାଙ୍କୁ ଦେଇ ବିଜେଡି ପରାମର୍ଶଦାତା ପରୋକ୍ଷରେ ଶ୍ରୀ ମିଶ୍ରଙ୍କୁ ବଳିୟାନ କରାଇଛନ୍ତି। ଏପରିକି ବିଜେଡିର କଳାହାଣ୍ଡି ଜିଲ୍ଲା ପାଇଁ ଦଳୀୟ କାର୍ଯ୍ୟାଳୟ ନିମନ୍ତେ ଯେଉଁ ଜମିରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ତାହା ଶ୍ରୀ ମିଶ୍ରଙ୍କର ଏବଂ ମୋଟା ଅଙ୍କ ଦେଇ ଦଳ ସେହି ଜମି କିଣିଥିବା ଜଣାପଡିଛି। କେବଳ ସେତିକି ନୁହେଁ ବିଜେଡିର ଯେଉଁ ପ୍ରଭାବଶାଳୀ ଯୁବ ବିଧାୟକଙ୍କ ଯୋଗୁ ଶ୍ରୀ ମିଶ୍ର ଏକକାଳୀନ ୪ଟି ବିଭାଗ ଦାୟିତ୍ୱ ତୁଲାଉଛନ୍ତି ସେହି ବିଧାୟକଙ୍କର ପଶ୍ଚିମ ଓଡିଶାରେ ବ୍ୟବସାୟିକ ସାମ୍ରାଜ୍ୟ ବୃଦ୍ଧିରେ ବି ମନ୍ତ୍ରୀ ଶ୍ରୀ ମିଶ୍ର ଭାଗିଦାରୀ ଥିବା ଚ଼ର୍ଚ୍ଚା ହେଉଛି ।ଏହି ବ୍ୟବସାୟିକ ହିସାବନିକାସ ସରୁ ନଥିବାରୁ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ହଟାଇବା କାଳେ ବୁମେରାଂ ହେବ ସେହି ଆଶଙ୍କାରେ ବିଜେଡି ପରାମର୍ଶଦାତା ଓ ସମ୍ପୃକ୍ତ ପ୍ରଭାବଶାଳୀ ଯୁବ ବିଧାୟକ କୁଆଡ? ଏବେ 'ଦିବ୍ୟଶଙ୍କର' ରୂପକ ନିଆଁକୁ ଅଣ୍ଟିରେ ପୁରାଇ ରଖିଛନ୍ତି। ଆଉ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ଅନୁରୂପ ଭାବେ ପ୍ରଭାବିତ କରି ସମୟ ଗଡାଇ ଚା଼ଲିଛନ୍ତି। ଆଉ ଇତିଶ୍ରୀ, ମାଧବୀଲତା, ସସ୍ମିତା ଓ ସ୍ମିତାରାଣୀ, ମାହାଙ୍ଗା ଡବଲ ମର୍ଡର ଭଳି ମାମଲାରେ ବିରୋଧୀ ଦଳକୁ ମ୍ୟାନେଜ୍ କରି ମାମଲାକୁ ଡଷ୍ଟବିନକୁ ପକାଇବାରେ ସକ୍ଷମ ହୋଇଥିବା ବିଜେଡି ଏବେ ଅନୁରୂପ ଫର୍ମୁଲା ଆପଣାଇ ଦିବ୍ୟଶଙ୍କରକୁ ସୁରକ୍ଷିତ ରଖିବ ବୋଲି ରଣନୀତି ପ୍ରସ୍ତୁତ କରିଥିବା ଜଣାପଡିଛି ।ଆଉ ବିବାଦ ଓ ଅନୀତିର ଗନ୍ଧକୁ ବାରି କାର୍ଯ୍ୟାନୁଷ୍ଠାନ ନେଉଥିବା ନବୀନଙ୍କର ଏବେ ଏଭଳି ଆଭିମୁଖ୍ୟ ହିଁ ପରୋକ୍ଷରେ ରାଜ୍ୟବାସୀଙ୍କୁ ୧୯୯୯ ମସିହାର ଅଞ୍ଜନା ମିଶ୍ର ଯୌନ ନିର୍ଯାତନା ମାମଲାରେ କଂଗ୍ରେସ ଜାନକୀବଲ୍ଲଭ ପଟ୍ଟନାୟକ ସରକାରର ଆଭିମୁଖ୍ୟକୁ ସତେଜ କରାଇଛି। ଅଞ୍ଜନା ମାମଲା କଂଗ୍ରେସକୁ ରାଜ୍ୟରେ ତଳିତଳାନ୍ତ କରିଥିବାବେଳେ ମମିତା ମାମଲାରେ ନବୀନଙ୍କ ବର୍ତ୍ତମାନର ଆଚ଼ରଣ ପରୋକ୍ଷରେ ବିଜେଡିକୁ ଆଗାମୀ ଦିନରେ ତଳିତଳାନ୍ତ କରାଇବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏତେ ହୋ-ହାଲ୍ଲା ପରେ ବି ନବୀନ ସରକାର ମମିତା ମେହେର ହତ୍ୟା ଭଳି ସମ୍ବେଦନଶୀଳ ମାମଲାର କ୍ରାଇମବ୍ରାଂଚ଼ ହେଉ ଅବା ଏସଆଇଟି ଅବା ବିଚା଼ରବିଭାଗୀୟ ତଦନ୍ତ ପାଇଁ କାହିଁକି ନିର୍ଦ୍ଦେଶ ଦେଉନାହାନ୍ତି ତାହା ବି ବୁଝାପଡୁନି। ପଂଚା଼ୟତ ନିର୍ବାଚ଼ନ ମୁଣ୍ଡ ଉପରେ ଥିଲେ ବି ବିଭିନ୍ନ ଇସ୍ୟୁରେ ମ୍ୟାନେଜ ହେଉଥିବା ଅପାରଗ ଦୁଇ ବିରୋଧୀ ଦଳର ଦୟନୀୟ ସ୍ଥିତିକୁ ଆକଳନ କରି ସମ୍ଭବତଃ ବିଜେଡି ପରାମର୍ଶଦାତା ଏପରି ଆଭିମୁଖ୍ୟ ଆପଣାଇ ମନ୍ତ୍ରୀ ଦିବ୍ୟଶଙ୍କରକୁ ସୁରକ୍ଷା ଦେବାକୁ ଚି଼ନ୍ତା କରୁଥିବା ତଥ୍ୟାଭିଜ୍ଞ ମହଲରେ ଚ଼ର୍ଚ୍ଚା।


## APPOINTMENT

ପର୍ଯ୍ୟବେକ୍ଷକ PARYABEKHYAK
THE KALINGA CHRONICLE

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସେଠାରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ

ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ



ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।



ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।



ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।



କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।



ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।



କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।



ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।




ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।



ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।



ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।



କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।



ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୨୧

# ସମ୍ବର୍ଦ୍ଧିତ ହେବାକୁ ଚାହୁଁଛନ୍ତି କି ? ବହୁତ ସହଜ...



ଆମ ଗାଁ ପାଖ କଲରାବାଙ୍କ ହାଇସ୍କୁଲର ଶିକ୍ଷକ ତପନ ସାର୍ ମୋ ଲିଖିତ କବିତା ଏବଂ ସମ୍ପାଦକୀୟ ସ୍ତମ୍ଭର ଜଣେ ଗୁଣଗ୍ରାହୀ ପାଠକ। ମୋର ପ୍ରାୟ ପ୍ରତ୍ୟେକ ସାମାଜିକ ସଚେତନତାଧର୍ମୀ ଲେଖା ସମ୍ବାଦପତ୍ରରେ ପ୍ରକାଶିତ ହେବା ପରେ, ସେ ମୋ ପାଖକୁ ଫୋନ୍ କରି ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା କରନ୍ତି। ସେଦିନ ତାଙ୍କ ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ବନ୍ଧୁ ଶିବସାରଙ୍କ ସାଙ୍ଗରେ ମୋ ପାଖକୁ ଆସିଥିଲେ, ତାଙ୍କ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଥିବା ବାର୍ଷିକୋତ୍ସବରେ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଇବା ନିମନ୍ତେ,ଏକ କ୍ଷୁଦ୍ର ଶିକ୍ଷଣୀୟ ନାଟକର ଲେଖା ପାଇଁ। ମୋ ଅଫିସ୍‌ରେ ବସି କଥୋପକଥନ ସମୟରେ, କାନ୍ଥରେ ଅଯତ୍ନ ସହିତ ଟଙ୍ଗା ଯାଇଥିବା କେତୋଟି ସମ୍ବର୍ଦ୍ଧନା ପତ୍ର ଉପରେ ଆଖି ବୁଲାଇ ପଚାରିଲେ, ସାର୍ ଆପଣଙ୍କ କବିତା ଓ ସ୍ତମ୍ଭ ଲେଖା ତ' ବହୁତ ସମ୍ବାଦପତ୍ରରେ ପ୍ରକାଶିତ ହେଉଛି ଏବଂ ଆପଣ ମଧ୍ୟ ବହୁ ସଭା ସମିତିରେ ଅତିଥି ଓ ବକ୍ତା ରୂପେ ଯୋଗଦାନ କରୁଛନ୍ତି, କିନ୍ତୁ ଆପଣ ମାତ୍ର ଏଇ ସାତ ଆଠଟି ମାନପତ୍ର ପାଇଛନ୍ତି ? ଉଚ୍ଚସ୍ୱରରେ ମନଖୋଲା ହସଟିଏ ହସି, କହିଲି, ସାର ଆଜିକାଲି ସାହିତ୍ୟ ଦୁନିଆରେ, ଅର୍ଥ ବିନିମୟରେ, ଖଣ୍ଡିଏ ମାନପତ୍ର ଓ ଉତରୀୟ କ୍ରୟ କରିବା ମାନସିକତାଠାରୁ ମୁଁ ବହୁ ଉର୍ଦ୍ଧ୍ୱରେ। ଡିଜିଟାଲ ଦୁନିଆରେ, ସାମାଜିକ ଗଣମାଧ୍ୟମର ବ୍ୟାପକତା ଯୋଗୁଁ, ଲେଖକ ଲେଖିକାଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧିପାଇଥିବା ସାଙ୍ଗେ ସାଙ୍ଗେ, ସେମାନଙ୍କର ସମ୍ବର୍ଦ୍ଧିତ ହେବାର ନିଶା ଓ ଆକାଂକ୍ଷାକୁ ଲକ୍ଷ୍ୟ କରି, ଛତୁ ଫୁଟିବା ପରି ସାହିତ୍ୟାନୁଷ୍ଠାନଗୁଡିକ ଗଢି ଉଠିଛି ଏବଂ ଅର୍ଥ ବିନିମୟରେ, ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ସମତାଳରେ ସୃଷ୍ଟି ହୋଇଛନ୍ତି ଗୁଡିଏ ସମ୍ବର୍ଦ୍ଧନା ବେପାରୀ। ସମ୍ବର୍ଦ୍ଧନା ପତ୍ର ପ୍ରାପ୍ତିର ଲାଳସାରେ ମୋର ସେଇଦିନ ଭଟ୍ଟା ପଡିଯାଇଥିଲା ଏବଂ ଘୃଣାଭାବ ସୃଷ୍ଟି ହୋଇଥିଲା, ଯେଉଁଦିନ ଦେଖିଲି, ଆମ ଗ୍ରାମ ପାଖର ଜଣେ ଯୁବକ, ତମାମ କୋଭିଡ ବ୍ୟାପୁଥିବା ସମୟତକ, ଘରେ ରହି ବି,ଏକ ସୁନ୍ଦର ରଙ୍ଗୀନ "କୋଭିଡ ଯୋଦ୍ଧା" ପ୍ରମାଣପତ୍ର ଖଣ୍ଡିଏ ହସ୍ତଗତ କରି ଫେସବୁକ୍‌ରେ ପୋଷ୍ଟ କରିଦେଇଥିଲେ। ମୋର ସେଦିନ ଧାରଣା ଦୃଢୀଭୂତ ହୋଇଥିଲା ଯେ, ସମ୍ବର୍ଦ୍ଧିତ ହେବା ନିମନ୍ତେ, ଦକ୍ଷତା ବା ଯୋଗ୍ୟତା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଚଂଚକତା ପ୍ରୟୋଗର କଳାକୌଶଳ ଆୟତ କରିବା ତତୋଽଧିକ ଗୁରୁତ୍ୱପୂର୍ଣ୍ଣ। ମୋ ପାଠକ ଯେତେବେଳେ, ମୋ ପାଖକୁ ଫୋନ କରି, ମୋ ଲେଖା ସମ୍ବନ୍ଧରେ ଆଲୋଚନା କରେ, ମୁଁ ଅନୁଭବ କରେ, ରଙ୍ଗୀନ ଚିତ୍ରିତ କାଗଜ ଉପରେ ଲିଖିତ ମାନପତ୍ର ଅପେକ୍ଷା,ଏହା ମୋ ପାଇଁ ଢେର୍ ଅଧିକ ! ଆଉ ସମ୍ବର୍ଦ୍ଧନା ପତ୍ର ପ୍ରାପ୍ତିର ନିଶା ଓ ମାୟାରେ ଉବୁଟୁବୁ ହେଉଥିବା ମାନବରୂପୀ ମୀନମାନଙ୍କୁ ଶିକାର କରିବା ନିମନ୍ତେ, ସାହିତ୍ୟାନୁଷ୍ଠାନ କର୍ତ୍ତୃପକ୍ଷରୂପୀ ଧୀବରମାନେ ସୂକ୍ଷ୍ମ ଜାଲ ବିଛାଇ ଅପେକ୍ଷାରତ। ମୋର ଗୋଟିଏ ବ୍ୟକ୍ତିଗତ ଅନୁଭୂତି କହୁଛି ଶୁଣନ୍ତୁ। ଦିନେ ସକାଳୁ ସକାଳୁ, ଆଳିର ଜଣେ ବନ୍ଧୁ ଶ୍ରୀଯୁକ୍ତ ଅକ୍ଷୟ ପଣ୍ଡା ଫୋନ କରି ଅତ୍ୟନ୍ତ ଉତ୍‌ଫୁଲ୍ଲିତ ହୋଇ କହିଲେ, ସାର, ମୁଁ ଅବଦୁଲ କାଲାମ ଆଓାର୍ଡ ପାଇବା ପାଇଁ ମନୋନୀତ ହୋଇଛି, ଆସନ୍ତା ରବିବାର ଦିନ ଭୁବନେଶ୍ୱରରେ, ମୋତେ ସମ୍ବର୍ଦ୍ଧିତ କରାଯିବ। ସମ୍ବର୍ଦ୍ଧିତ ହେବାକୁ ଚୟନ କରାଯାଇଥିବା ପ୍ରତିଭାଧାରୀମାନଙ୍କୁ, ସ୍ୱୟଂ ମହାନୁଭବ, ମାନ୍ୟବର ରାଜ୍ୟପାଳ ମହୋଦୟ, ମାନପତ୍ର, ଉତରୀୟ ଏବଂ ଆର୍ଥିକ ରାଶି ପ୍ରଦାନ ପୂର୍ବକ ସମ୍ମାନିତ କରିବେ। ମୁଁ ପଚାରିଲି ଆପଣ ତାଙ୍କ ପାଖକୁ ପାଂଚହଜାର ଟଙ୍କା ପଠାଇ ସାରିଲେଣି ? ହଠାତ୍ ଚମକି ପଡିବା ପରି ସ୍ୱରରେ ପଚାରିଲେ, ଆପଣ କେମିତି ଜାଣିଲେ ? ମୁଁ କହିଲି, ମୋତେ ମଧ୍ୟ ଏହି ସଂସ୍ଥା ସମ୍ବର୍ଦ୍ଧିତ କରିବେ ବୋଲି ପ୍ରସ୍ତାବ ଦେଇଥିଲେ, କିନ୍ତୁ ଏହା ଏକ ଠକ ସଂସ୍ଥା ବୋଲି ସନ୍ଦେହ ହେବାରୁ, ମୁଁ ଏ ପ୍ରସ୍ତାବରେ ସହମତି ପ୍ରକାଶ କଲିନାହିଁ। ସେଦିନ କିନ୍ତୁ ସୃଷ୍ଟି ହୋଇଥିବା ଧାରଣା ଆଜି ଦୃଢ଼ିଭୂତ ହୋଇଗଲା। କାରଣ ସେ ମୋତେ ଦୁଇମାସ ତଳେ ଆସନ୍ତା ରବିବାର ହେବ ବୋଲି କହିଥିଲେ, ଆଜି ମଧ୍ୟ ଆପଣଙ୍କୁ ଆସନ୍ତା ରବିବାର ହେବ ବୋଲି କହୁଛନ୍ତି। ଯେଉଁ ବ୍ୟକ୍ତି ମୋତେ ପ୍ରସ୍ତାବ ଦେଇଥିଲେ, ସେ ପ୍ରଥମେ ମୋର ସମସ୍ତ ତଥ୍ୟ ବୁଝିସାରିବା ପରେ କହିଥିଲେ, ଆପଣଙ୍କୁ ମାନପତ୍ର ଉତରୀୟ ସହିତ, ପଚିଶ ହଜାର ଟଙ୍କା ନଗଦ ଅର୍ଥ ପ୍ରଦାନ କରାଯିବ। ଗୋଟିଏ ପତ୍ରିକାରେ ସମ୍ବର୍ଦ୍ଧିତ ହେବାକୁ ଯାଉଥିବା,ଏଗାରଜଣଙ୍କର ସଂପୂର୍ଣ୍ଣ ବିବରଣୀ ତଥା ଗୋଟିଏ ପୂର୍ଣ୍ଣ ଅବୟବ ଫଟୋ ସ୍ଥାନିତ ହେବ। ତେଣୁ ଆପଣ ଯଥାଶୀଘ୍ର, ମୁଁ ଦେଉଥିବା ହ୍ୱାଟସଆପରେ ଫଟୋଟିଏ ପଠାନ୍ତୁ। ଆଉ ମୁଁ ଗୋଟିଏ ଆକାଉଂଟ ନମ୍ବର ଦେଉଛି, ସେଥିରେ ଆପଣ ପାଂଚ ହଜାର ଟଙ୍କା ପଠାଇ ଦିଅନ୍ତୁ। ମୁଁ କାହିଁକି ଟଙ୍କା ପଠାଇବି ବୋଲି କାରଣ ପଚାରିବାରୁ, ସେ କହିଲେ, ଆପଣଙ୍କୁ ଯେଉଁ ମାନପତ୍ରଟି ଦିଆଯିବ, ତାହା ସାଧାରଣ ମାନପତ୍ର ନୁହେଁ, ତାହାର ଦାମ୍ ତିନି ହଜାର। ଦାମିକା ପତ୍ରିକାଟି ଛପାହେବ। ତେଣୁ ଏସବୁ ଆପଣଙ୍କ ପାଇଁ ଖର୍ଚ୍ଚ ହେବାପରେ, ଆପଣ କାଳେ ନଆସିବେ, ତେଣୁ ଅଗ୍ରୀମ ଟଙ୍କା ନିଆଯାଉଛି। ରାଜ୍ୟପାଳଙ୍କ ହସ୍ତରୁ ସମ୍ବର୍ଦ୍ଧିତ ହେବା ଏବଂ ନଗଦ ପଚିଶ ହଜାର ଟଙ୍କା ପାଇବାର ଚରମ ଉତ୍ତେଜନା, ଅଗ୍ରୀମ ଦେବା କଥା ଶୁଣି ଆଗ୍ରହ କ୍ରମେ ହ୍ରାସ ପାଇବାରେ ଲାଗିଲା ଏବଂ ସନ୍ଦେହ ବୃଦ୍ଧି ହେବାରେ ଲାଗିଲା। ମୁଁ ତାଙ୍କୁ କହିଲି, ମୁଁ ନିଶ୍ଚୟ ଯିବି ଏବଂ ସେଠାରେ ପହଂଚିବା ପରେ ଆପଣଙ୍କୁ ଟଙ୍କା ଦେବି। ସେ ଏଥିରେ ଅସମ୍ମତି ପ୍ରକାଶ କରି, ମୋର ବିଶ୍ୱାସ ବୃଦ୍ଧି ନିମନ୍ତେ ଯତ୍‌ପରୋନାସ୍ତି ପ୍ରଚେଷ୍ଟା ଆରମ୍ଭ କରି ନିରାଶ ହେବା ପରେ, ଶେଷଅସ୍ତ୍ର ସ୍ୱରୂପ କହିଲେ, ସାର୍ ସୁଯୋଗ ଆପଣଙ୍କ ପାଖକୁ ଆସିଥିଲା, ଆପଣ ତାର ସଦ୍‌ବ୍ୟବହାର କଲେନାହିଁ, ପଛରେ ଅନୁତାପ କରିବେ। ମୁଁ କହିଲି ଭାଇ, ଗଡ୍ ଇଜ୍ ଡିରେକ୍ଟର, ମ୍ୟାନ ଇଜ୍ ଆକ୍ଟର, କରି କରାଉ ଥାଏ ମୁହିଁ, ମୋ ବିନୁ ଆନ ଗତି ନାହିଁ। ତେଣୁ ମୁଁ ନପାଇବାଟା ତାଙ୍କରି ଇଚ୍ଛା, ମୋର କିଛି ଅନୁଶୋଚନା ନାହିଁ। ପଣ୍ଡାବାବୁ ମୋ'ଠାରୁ ଏସବୁ ଶୁଣିସାରିବା ପରେ, କହିଲେ ସାର, ଦୁଇଦିନ ହେବ ଉତ୍ତେଜନାବଶତଃ ମୁଁ ଠିକ୍ ଭାବରେ ଖାଇପାରୁନାହିଁ କିମ୍ବା ଶୋଇପାରୁନାହିଁ। ଆପଣ ମୋତେ ରକ୍ଷାକରିଦେଲେ। ମୁଁ କହିଲି ଦେଖନ୍ତୁ ପଣ୍ଡାବାବୁ,ସେମାନେ ମୋତେ ପଚିଶ ହଜାର କହିଥିଲେ, ଆପଣଙ୍କୁ କୋଡିଏ ହଜାର କହିଲେ, ମୋତେ ଦୁଇଦିନ ପର ରବିବାର କଥା କହିଥିଲେ, ଆପଣଙ୍କୁ ଦୁଇମାସ ପରେ ମଧ୍ୟ ସେ ଆସନ୍ତା ରବିବାର କଥା କହିଲେ। ବିଜ୍ଞାପନ ବାହାରିଥିବା ସମ୍ବାଦପତ୍ରର ଯେଉଁ ନକଲ ହ୍ୱାଟସଆପରେ ପଠାଇଥିଲେ, ସେଥିରେ ସମ୍ବାଦପତ୍ରର ନାମ, ତାରିଖ ନଥିଲା ଏବଂ ଆସନ୍ତା ରବିବାର କେତେ ତାରିଖ ତାହା ମଧ୍ୟ ନଥିଲା। ହୁଏତ ସେ ସଂସ୍ଥା ଠିକ୍ ହୋଇପାରିଥାଏ, ମୁଁ ସେ ବାବଦରେ ଅନୁସନ୍ଧାନ କରିନାହିଁ। କିନ୍ତୁ ମୁଁ ସମ୍ବର୍ଦ୍ଧିତ ହେବା ଲୋଭରେ, ଜଣେ ଅଚିହ୍ନା ଲୋକର ଫୋନ ଉପରେ ବିଶ୍ୱାସ କରି, ଗୋଟିଏ ଅଜଣା ଆକାଉଂଟ ନମ୍ବରକୁ ପଇସା ନପଠାଇ କଣ ଭୁଲ୍ କରିଛି ? ପଣ୍ଡାବାବୁ କହିଲେ ଆପଣ ତ' କେବଳ ଠିକ୍ କରିନାହାନ୍ତି, ମୋତେ ମଧ୍ୟ ଭୁଲ୍ ପଥର ପଥିକ ହେବାରୁ ନିବୃତ କରାଇଛନ୍ତି। ତପନ ସାର ଓ ଶିବ ସାର୍ ଏ ସତ୍ୟ ଆଧାରିତ କାହାଣୀ ଶୁଣିସାରିବା ପରେ ତାଙ୍କୁ ପଚାରିଲି, ସାର, ଆପଣ ମୋ' ଘରେ ଆଉ ଅଧିକ ସମ୍ବର୍ଦ୍ଧନା ପତ୍ର ଦେଖିବାକୁ ଚାହୁଁଛନ୍ତି ? ସେମାନେ କହିଲେ ନାଁ ସାର୍, କେବଳ ଅଯୋଗ୍ୟ ବ୍ୟକ୍ତିହିଁ, ସମ୍ବର୍ଦ୍ଧନା ପତ୍ର କ୍ରୟ କରିବାକୁ ବ୍ୟାକୁଳତା ପ୍ରକାଶ କରନ୍ତି । ମୁଁ କହିଲି ତାହା ମଧ୍ୟ ଶତପ୍ରତିଶତ ଠିକ୍ ନୁହେଁ, କାରଣ ସମାଜରେ ଅନେକ ଯୋଗ୍ୟ ଓ ଦକ୍ଷ ବ୍ୟକ୍ତି ଅଛନ୍ତି ଏବଂ ଅନେକ ସଚ୍ଚୋଟ ଅନୁଷ୍ଠାନ ମଧ୍ୟ ଅଛି, ଯେଉଁମାନେ ପ୍ରକୃତ ପ୍ରତିଭାଧାରୀଙ୍କୁ ବିନା ଅର୍ଥରେ ସମ୍ବର୍ଦ୍ଧିତ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । କିନ୍ତୁ ସେମାନଙ୍କ ସଂଖ୍ୟା ନଗଣ୍ୟ।

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

**ଯେତେ ଯାହା କଲେ ବି ମାତୃଋଣ ଶୁଝିବା ଅସମ୍ଭବ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଭାରତୀୟ କୃଷି ଆଇନର ସପକ୍ଷ ଓ ବିପକ୍ଷ

**ଡାଃ ସୁରେନ୍ଦ୍ର ନାଥ ଦାଶ**



ମାଣିଷ ଇତିହାସରେ କୃଷି ହେଉଛି ସର୍ବପ୍ରଥମ ବ୍ୟବସାୟ । କୃଷି ଆରମ୍ଭ ହେଲାପରେ ମାନବ ସ୍ଥିର ଭାବରେ ବାସ କରିବା ଆରମ୍ଭ କଲା । ପ୍ରତି ଦେଶରେ କୃଷକକୁ ସ୍ୱତନ୍ତ୍ର ସମ୍ମାନ ଦିଆଯାଏ । ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ ଜୟ କିଶାନ ଡାକ ଦେଇଥିଲେ । ଅନ୍ୟ ଜଣେ ପ୍ରଧାନମନ୍ତ୍ରୀ ଚରଣ ସିଂ ଓ ଉପପ୍ରଧାନ ମନ୍ତ୍ରୀ ଦେବିଲାଲ ନିଜକୁ କୃଷକ କହି ଗର୍ବ ଅନୁଭବ କରୁଥିଲେ । କୃଷି ଓ କୃଷକର ଅଧିକାରକୁ ନେଇ ଇତିହାସରେ ଅନେକ ବିପ୍ଳବ ହୋଇଯାଇଛି । ଚୀନ ଓ ରୁଷିଆର ମହାନ ବିପ୍ଳବମାନ ମୁଖ୍ୟତଃ ଚାଷୀମାନଙ୍କ ଦ୍ୱାରା ହୋଇଥିଲା । ସେହିପରି ଫ୍ରାନସର ବିପ୍ଳବ ମଧ୍ୟ ଚାଷୀଙ୍କର, "ଆମେ ରୁଟି ମାଗିଲୁ, ସମ୍ରାଟ କହିଲେ ଲହୁଣି ଖାଅ"ରୁ ଆରମ୍ଭ ହୋଇଥିଲା । ଆମ ଦେଶର ଏବେ ମଧ୍ୟ ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । ନାନା କାରଣରୁ ସେମାନେ ଦାରିଦ୍ର୍ୟ ଓ ଋଣ ଭାରରେ ଚାପି ହୋଇଛନ୍ତି । ଇଂରେଜମାନଙ୍କ ଅମଳରେ କୃଷିକୁ ଅତ୍ୟନ୍ତ ହତାଦର କରିବାରୁ, ଅନେକ ଭୟଙ୍କର ଦୁର୍ଭିକ୍ଷ (ନଅଙ୍କ ଓ ଦି ଗ୍ରେଟ ବେଙ୍ଗଲ ଫାମିନ) ପଡି ଲକ୍ଷ ଲକ୍ଷ ଲୋକ ମରିଥିଲେ । ସେ ସମୟରେ ମହାତ୍ମାଗାନ୍ଧି ଭାରତ ଫେରିଲା ପରେ କୃଷକମାନଙ୍କର ଦୁଃଖ ଦେଖି ବିବ୍ରତ ହେଲେ ଓ ବିହାରର ଚମ୍ପାରଣ ଜିଲ୍ଲାର ନୀଳ ଚାଷୀଙ୍କ ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଏହାର ସଫଳତା ଏକ ନୂତନ ଯୁଗର ଆରମ୍ଭ କଲା । ଏହାପରେ ଗୁଜରାଟର ବର୍ଦ୍ଦୋଲି ଓ ଖେଡାଠାରେ ଆଇନଅମାନ୍ୟ ଆନ୍ଦୋଳନ ଚାଷୀଙ୍କ ଦ୍ୱାରା ସର୍ଦ୍ଦାର ପଟେଲଙ୍କ ନେତୃତ୍ୱରେ ଚାଲି ସଫଳ ହେଲା । ବିଶେଷତଃ ଦୁର୍ଭିକ୍ଷ ପଡିଥିବାରୁ ଲୋକମାନେ ଖଜଣା ଛାଡର ଦାବି ନେଇ ଆନ୍ଦୋଳନ କରିଥିଲେ ଓ ସରକାରଙ୍କ ସମସ୍ତ ଦମନ ସତ୍ତ୍ୱେ ଆନ୍ଦୋଳନ ସଫଳ ହୋଇଥିଲା । କଂଗ୍ରେସ ଦଳ କୃଷକଙ୍କ ପାଇଁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେଇଥିଲା । ଏହାର ଏକ କୃଷକ ସେଲ ଥିଲା ଓ ଜମିଦାରୀ ପ୍ରଥା, ମଧ୍ୟ ସ୍ୱତ୍ୱାଧିକାରୀ ଉଚ୍ଛେଦ ଏହାର କାର୍ଯ୍ୟକ୍ରମରେ ସ୍ଥାନ ପାଇଥିଲା । ସ୍ୱାଧିନତା ପରେ ଜମିଦାରୀ ଉଚ୍ଛେଦ, ସିଲିଂ ଆଇନ, ଭାଗଚାଷ ଆଇନ ଆଦି କାର୍ଯ୍ୟକାରୀ କରି କୃଷକ ହାତକୁ ଅଧିକ କ୍ଷମତା ସରକାର ଦେଲେ । ଚାଷର ସାର ବିହନ ଆଦି ପାଇଁ ଇନପୁଟ ସବସିଡି ଦେଲେ, ତଥାପି ଚାଷର ଉତ୍ପାଦିତ ମୂଲ୍ୟ ଲାଭ ଦେଉନଥିବାରୁ ଋଣ ସୁଝି ନପାରି ହଜାର ହଜାର ଚାଷୀ ଆତ୍ମହତ୍ୟା କରିଲେଣି । ଅନେକବାର ସରକାର ଋଣ ଛାଡ ମଧ୍ୟ କଲେଣି । ଫସଲ ପାଇଁ ସର୍ବନିମ୍ନ ସହାୟତା ଘୋଷଣା କରିଛନ୍ତି (Minimum Support Price) । ଅଭାବୀ ବିକ୍ରି ବନ୍ଦପାଇଁ ମଣ୍ଡିମାନ ଖୋଲିଛନ୍ତି । ତଥାପି ସମସ୍ୟା ତୁଟୁନାହିଁ । ଅଭାବୀ ବିକ୍ରି, ମଣ୍ଡି ଅବ୍ୟବସ୍ଥା, ସାର ଅଭାବ, ମାଗଣା ବିଦ୍ୟୁତ ଶକ୍ତି, ଚାଷୀଙ୍କୁ ପେନ୍‌ସନ ଆଦି ଦାବି ନେଇ ସବୁଠାରେ ଆନ୍ଦୋଳନ ଚାଲୁଛି । ଏହାମଧ୍ୟରେ କୃଷକ ସଂଗଠନ ସବୁ କଂଗ୍ରେସ ହାତରୁ ସମାଜବାଦୀ ଦଳ, କମ୍ୟୁନିଷ୍ଟ ଓ ନକ୍ସଲଙ୍କ ହାତକୁ ଚାଲିଯାଇଛି । ଅନେକ ହିଂସାକାଣ୍ଡ ଘଟିଯାଇଛି । ନକ୍‌ସଲଙ୍କ ଦ୍ୱାରା ଶହ ଶହ ଜମି ମାଲିକ ନିହତ ହୋଇଛନ୍ତି । ପଶ୍ଚିମବଙ୍ଗର ନକ୍‌ସଲବାରି ନାମକ ଗ୍ରାମରୁ ଏହି ଭୟଙ୍କର ଆନ୍ଦୋଳନ ଆରମ୍ଭ ହୋଇଥିଲା । ଅଧିକ ଶସ୍ୟ ଉତ୍ପାଦନ ହୋଇଥିବା ପଞ୍ଜାବ, ହରିଆନା, ଉତ୍ତରପ୍ରଦେଶରେ ଚାଷୀମାନେ ଅଧିକ ସଂଗଠିତ । ଓଡିଶାରେ ମଧ୍ୟ ଉପକୂଳ ଜିଲ୍ଲା ଅପେକ୍ଷା ପଶ୍ଚିମ ଓଡିଶାର ଚାଷୀମାନେ ନିଜ ଦାବିଉପସ୍ଥାପନା କରିବାରେ ଅଧିକ ଦକ୍ଷ । ଚାଷୀମାନଙ୍କର ସଂଗଠନ ଓ ଆନ୍ଦୋଳନ ଭୋଟରେ ପ୍ରଭାବ ପକାଇପାରୁ ନ ଥିବାରୁ ସରକାର ଏହାକୁ ନଜର ଦେଉନାହାଁନ୍ତି । ଚାଷୀମାନେ କେବଳ ସ୍ଲୋଗାନ ନ ଦେଇ ଅଧିକ ସଂଗଠିତ ହେଲେ ସରକାର ନିଶ୍ଚୟ ତାଙ୍କ କଥା ଶୁଣିବେ ।

ଗତ ୧୭ ସେପ୍ଟେମ୍ବର ଦିନ ସାରା ଭାରତରେ ନୂତନ କୃଷି ବିଲ ବା ଆଇନକୁ ବିରୋଧ କରି ଦେଶସାରା ବନ୍ଦ ପାଳନ ସରିଯାଇଛି । ୧୨ଟି ଛାମୁଆ କୃଷି ସଂଗଠନ ସମେତ କଂଗ୍ରେସ, କମ୍ୟୁନିଷ୍ଟ ସମେତ ଅନ୍ୟ ବାମପନ୍ଥୀ ଦଳ ଓ ଅନେକ ଟ୍ରେଡ ୟୁନିଅନ ଏହାକୁ ସମର୍ଥନ ଜଣାଇଥିଲେ । ଏହି ଆଇନ ହେଲାପରଠାରୁ ଏହା ବିରୁଦ୍ଧରେ ଦେଶର ବିଭିନ୍ନ ସ୍ଥାନରେ ପ୍ରତିବାଦ ଧର୍ମଘଟ ଲାଗି ରହିଛି। ଗତବର୍ଷ ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ଜାନୁଆରୀ ୨୬ ତାରିଖ ଦିନ ଯାଇ, ରାଜଧାନୀ ଦିଲ୍ଲୀ ନଗରୀରେ ହଙ୍ଗାମା କରି ଲାଲକିଲ୍ଲା ଉପରୁ ତ୍ରିରଙ୍ଗାକୁ ଖସାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା । ଆନ୍ଦୋଳନକାରୀମାନେ ଦାବି କରନ୍ତି ଯେ ଏପର୍ଯ୍ୟନ୍ତ ୪୦୦ ଆନ୍ଦୋଳନକାରୀଙ୍କର ମୃତ୍ୟୁ ଘଟିଲାଣି । ସେବେଠାରୁ ବର୍ଷକରୁ ଉର୍ଦ୍ଧ୍ୱ ହେବ ସେମାନେ ଦିଲ୍ଲୀ-ଚଣ୍ଡିଗଡ ରାଜପଥକୁ ଅବରୋଧ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରିଛନ୍ତି । ଅନେକ ଥର ସରକାରଙ୍କ ସହ ଆଲୋଚନା ହେଲେ ମଧ୍ୟ ସମାଧାନର ବାଟ ମିଳୁନାହିଁ। ବିକ୍ଷୋଭକାରୀମାନଙ୍କର ଦାବି ଯେ ସରକାର ପ୍ରଥମେ ନୂଆ କୃଷି ବିଲକୁ ପ୍ରତ୍ୟାହାର କରନ୍ତୁ । ଏହି ନୂତନ କୃଷି-୨୦୨୦ ବିଲ, "Indian Agricultural Bill, Three Farm Bill , Bill-2020" ନାମରେ ସେପ୍ଟେମ୍ବର ମାସରେ ମୌସୁମୀ ଅଧିବେଶନ ବେଳେ ୧୭ ସେପ୍ଟେମ୍ବର ଦିନ ଲୋକସଭାରେ ଆଗତ ହୋଇ ଗୃହିତ ହୋଇଗଲା । ସେହି ମାସ ୨୬ ତାରିଖରେ ଏହା ରାଜ୍ୟସଭାରେ ଗୃହିତ ହେଲା । ତା'ପରଦିନ ପ୍ରେସିଡେଣ୍ଟ ରାମନାଥ କୋବିନ୍ଦ ବିଲରେ ସ୍ୱାକ୍ଷର କଲାପରେ ଏହା ଆଇନରେ ପରିଣତ ହେଲା। ଏହା ତିନୋଟି ବିଲର ସମଷ୍ଟି।

ପ୍ରଥମ ବିଲକୁ The Farmers Produce Trade and Comerce (Promotion and Faciliation) କୁହାଯାଏ । ଏହି ଆଇନ ଦ୍ୱାରା ପ୍ରଚଳିତ ସରକାରୀ APMC ବା ମଣ୍ଡି ପ୍ରଥାର ଉଚ୍ଛେଦ ହେଲା । ଆଗରୁ କୃଷକ ତା'ର ଫସଲକୁ ନିଜ ଦ୍ୱାରା ପରିବହନ କରି ସରକାରଙ୍କ ଦ୍ୱାରା ସ୍ୱୀକୃତ ମଣ୍ଡିକୁ ଆଣି ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ସମବାୟ ସଂସ୍ଥାକୁ ବିକ୍ରୟ କରୁଥିଲା। ସେଠାରେ ସେ ମଣ୍ଡି ମାସୁଲ, ସେସ, ଦଲାଲ ଫି ଦେବାକୁ ବାଧ୍ୟ ହେଉଥିଲା। ନୂତନ ଆଇନରେ ଚାଷୀ ନିଜର ଘରେ ରହି ଯେକୌଣସି ବ୍ୟବସାୟୀକୁ ନିଜ ମନମୁତାବକ ଦରରେ ବିକିପାରିବ ବୋଲି ବ୍ୟବସ୍ଥା ରହିଛି। ରାଜ୍ୟ ଓ ଦେଶର ଯେଉଁଠି ଦର ପାଇବ, ସେଠାକୁ ଜିନିଷ ନେଇପାରିବ। ପରିବହନ କଟକଣା ରହିବ ନାହିଁ। ରାଜ୍ୟ ସରକାର ଫସଲ ବିକ୍ରି ଉପରେ କଟକଣା, କର ଲଗାଇପାରିବେ ନାହିଁ । ସରକାରଙ୍କ ମତରେ ଏହାଦ୍ୱାରା ଚାଷୀ ହନ୍ତସନ୍ତରୁ ରକ୍ଷାପାଇବ । ପରିବହନ ଖର୍ଚ୍ଚ, ମଣ୍ଡିରେ ଖରାବର୍ଷାରେ ଦିନ ଦିନ ପଡିବାରୁ ରକ୍ଷା ପାଇବ । ଆନ୍ତଃରାଜ୍ୟ ପରିବହନରେ ସରକାରୀ ବାବୁଙ୍କ ଶୋଷଣ ବନ୍ଦ ହେବ । ଦଲାଲ, ମଣ୍ଡି ଫି, କଟନି ଛଟନି ନାମରେ ହେଉଥିବା ଶୋଷଣ ସରିଯିବ। ବିରୋଧୀମାନେ କହନ୍ତି ଏଥିରେ ନିମ୍ନତମ ନିଶ୍ଚିତ ମୂଲ୍ୟର (Minimum Suport Price) ବ୍ୟବସ୍ଥା ନଥିବାରୁ ଚାଷୀ ଠିକ ମୂଲ୍ୟ ପାଇବ ନାହିଁ। ସରକାର କୁହନ୍ତି ପଞ୍ଜାବ ହରିଆନା ଭଳି ରାଜ୍ୟରେ ଦଲାଲ ଓ ସରକାରୀ ବାବୁମାନେ ମିଶି କୋଟି କୋଟି ଟଙ୍କା ଚାଷୀକୁ ଠକନ୍ତି । ସେମାନେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଆନ୍ଦୋଳନସ୍ଥଳରେ ଟିଭି, ଫ୍ରିଜ, ଏସି ବ୍ୟବସ୍ଥା କରି ଆନ୍ଦୋଳନକୁ ଚଲାଇ ରଖିଛନ୍ତି । ସାଧାରଣ ଚାଷୀର ଆନ୍ଦୋଳନକୁ ସମର୍ଥନ ନାହିଁ।


**ଦ୍ୱିତୀୟ ବିଲ:** Farmers Agreement on Price Assurance and Farm Services (Empowerment and Protection)।


ଆଜିକାଲି ନାମମାତ୍ର ଚାଷୀ, ମଧ୍ୟମ ଚାଷୀ ଅଧିକ ଅର୍ଥ ବ୍ୟୟ କରି ଉନ୍ନତ ଚାଷ, ଜଳସେଚନ, ଗୋଦାମ ନିର୍ମାଣ, ଯନ୍ତ୍ରପାତି କ୍ରୟ କରି ନପାରିବାରୁ ଠିକ୍ ଉତ୍ପାଦନ ହୋଇପାରୁନାହିଁ । ଚାଷ ଅଧିକ ଖର୍ଚ୍ଚଯୁକ୍ତ ହୋଇଗଲାଣି । ତେଣୁ ସରକାର ଇଚ୍ଛା କଲେ, ଚାଷୀ ବିଭିନ୍ନ କମ୍ପାନୀ ବା ବ୍ୟବସାୟୀଙ୍କ ସହ ଚୁକ୍ତି କରି ମୂଲଚାଲ ଦ୍ୱାରା ଜମିକୁ ଲିଜ ଦେଇ ନିଶ୍ଚିତ ଅର୍ଥ ପାଇ ବଜାର ଓ ପାଗର ଅନିଶ୍ଚତାରୁ ରକ୍ଷା ପାଇବ । ବିରୋଧୀମାନେ କୁହନ୍ତି, ଗରିବ ଚାଷୀ କୋଟିପତି କମ୍ପାନୀ ସହିତ ମୂଲଚାଲ କରିପାରିବ ନାହିଁ । ବେଳ ପଡିଲେ ଆଇନର ଗଳି ଦେଇ ସେମାନେ ଜମି ବି ଅକ୍ତିଆର କରିବେ । ଶେଷକୁ ଚାଷୀ ସର୍ବସ୍ୱାନ୍ତ ହୋଇ ନିଜ ଅଧିକାର ହରାଇବ ।

**ତୃତୀୟ ଆଇନ:** Essensial Commodity Ammendmant Bill -2020 । ଏହି ଆଇନ ବଳରେ ସରକାର କେତେକ କୃଷି ଦ୍ରବ୍ୟ ଚାଉଳ ଗହମ ଡାଲି ପିଆଜ ଆଦିକୁ ୧୯୫୫ ମସିହାରୁ ଅତ୍ୟାବଶ୍ୟକ ଦ୍ରବ୍ୟ ବୋଲି ଘୋଷଣା କରି ତାହାର ମହଜୁଦ, ପରିବହନ, ବିକ୍ରୟ ଉପରେ କଟକଣା ଲାଗୁ କରିଛନ୍ତି । ଯଦି ପଚିଯାଉଥିବା (ପେରିସେବଲ) ପଦାର୍ଥର ମୂଲ୍ୟ ୫୦ ଶତକଡା ଓ ପଚୁ ନଥିବା କୃଷିଦ୍ରବ୍ୟ ଶହେ ଶତକଡା ବୃଦ୍ଧି ଘଟେ, ତାହାହେଲେ ସରକାର ଯେକୌଣସି କୃଷି ଦ୍ରବ୍ୟ ବା ଫଳକୁ ଏହି ତାଲିକାରେ ଯୋଡିପାରନ୍ତି । ଏହାଦ୍ୱାରା ପ୍ରତ୍ୟେକ କ୍ଷେତ୍ରରେ ସରକାରୀ ନିୟନ୍ତ୍ରଣ ରୁହେ । କଳାବଜାର ନିଅଣ୍ଟିଆ ଦରବୃଦ୍ଧି ରୋକିବା ଏହାର ଉଦ୍ଦେଶ୍ୟ ହେଲେ ମଧ୍ୟ ସରକାରୀ ବାବୁମାନେ ଆଇନର ଚାବୁକ ଦେଖାଇ ପ୍ରତ୍ୟେକ କ୍ଷେତ୍ରରେ ଶୋଷଣ ହିଁ କରିଥାଆନ୍ତି । ସରକାରଙ୍କ କହିବା କଥା ହେଲା- ବର୍ତ୍ତମାନ ଉତ୍ପାଦନ ବଢିଛି, ଦୁର୍ଭିକ୍ଷ କମିଛି, ବରଂ ପ୍ରବଳ ଉତ୍ପାଦନ ହେଉଥିବାରୁ ମହଜୁଦ ଓ ବିକ୍ରୟ ସମସ୍ୟା ହୋଇଛି । ପୁରୁଣା ଦ୍ୱିତୀୟ ମହାଯୁଦ୍ଧ ବେଳର ଆଇନକୁ ରଖିବାର ଆଉ ଆବଶ୍ୟକତା ନାହିଁ । ୭ ଇସି ନାମରେ ଏହି କଳା ଆଇନର ଉଚ୍ଛେଦ ପରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଯୁଗ ସରିଛି । ସେମାନେ ହିଁ ସୁନାଅଣ୍ଡା ଦେଉଥିବା ୭ ଇସିକୁ ରକ୍ଷାକରିବାକୁ ସମସ୍ତ ଶକ୍ତି ଲଗାଇ ଏହାର ବିରୁଦ୍ଧାଚରଣ କରୁଛନ୍ତି । ଏହି ଆଇନର ବିରୋଧ କରି ସୁପ୍ରିମକୋର୍ଟରେ ମାମଲା ହୋଇଛି ଓ କୋର୍ଟ ଜାନୁଆରୀ ୧୨ ତାରିଖରୁ ଏହାର କାର୍ଯ୍ୟକାରିତା ଉପରେ ରୋକ ଲଗାଇଛନ୍ତି । ଏକ କମିଟି କରି ସମାଧାନର ବାଟ ଖୋଜିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସରକାର ବିଲକୁ କିଛି ସମୟ ପାଇଁ ସ୍ଥଗିତ ରଖିବା, ମଣ୍ଡିକୁ ରଖିବା ଓ ଏମ ଏସ ପି ଗ୍ୟାରେଣ୍ଟି ଦେବାକୁ ରାଜି ହେଲେ ମଧ୍ୟ ଆନ୍ଦୋଳନକାରୀମାନେ ଆଇନକୁ ସଂପୂର୍ଣ୍ଣ ରଦ୍ଦ କରିବା ଜିଦ୍‌ରେ ଅଟଳ ଅଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହନ୍ତି ୨୦୧୭ ମସିହାରୁ କେତେକ ସଂସ୍କାର ଆଇନ କୃଷିକ୍ଷେତ୍ରରେ ପ୍ରଣୟନ ହୋଇଥିଲେ ମଧ୍ୟ ରାଜ୍ୟ ସରକାରମାନେ ତାହା କାର୍ଯ୍ୟକାରୀ କଲେନାହିଁ । ତା' ଫଳରେ ନୂଆ ଆଇନ କରାଗଲା । ସମୟ ଅନୁସାରେ ଆଇନ ନ ବଦଳାଇଲେ ଆମେ ପଛରେ ପଡିଯିବା। ନୂତନ ଆଇନକୁ ସେ ଏକ ଜଳ ବିଭାଜିକା ବୋଲି କହିଛନ୍ତି । ରାଜନୈତିକ ଦଳମାନେ ଚାଷୀଙ୍କ ହିତ ନଦେଖି ନିଜର ରାଜନୈତିକ ଶକ୍ତି ବଢାଇବାରେ ବ୍ୟସ୍ତ ଥିବାରୁ ଲୋକମାନେ ଅଶେଷ ଯନ୍ତ୍ରଣା ଭୋଗୁଛନ୍ତି ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬*

# ଆଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ୍





୧୮୩୩ ମସିହା ଅକ୍ଟୋବର ମାସ ୨୧ ତାରିଖ ଦିନ, ସୁଇଡେନ୍ ରାଷ୍ଟ୍ରର ଷ୍ଟକହୋମ୍‌ସ୍ଥିତ ନରମାନସ୍‌ଗାଟାନ୍‌ରେ ମାତା ଆଣ୍ଡ୍ରିଏଟିଙ୍କଠାରୁ ଆଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ ଜନ୍ମଗ୍ରହଣ କରିଥିଲେ। ପିତା ଇମ୍ମାନୁଏଲ୍ ନୋବେଲଙ୍କ ପାରିବାରିକ ଅବସ୍ଥା ବିଶେଷ ସ୍ୱଚ୍ଛଳ ନଥିଲା। ଆଲଫ୍ରେଡ୍ ନୋବେଲ ଜନ୍ମରୁ ଦୁର୍ବଳ ଆଉ ରୁଗ୍‌ଣ ଥିଲେ । ତାଙ୍କର ଉଚ୍ଚତା ମଧ କମ୍ ଥିଲା । ମାତା ଆଣ୍ଡିଏଟିଙ୍କ ଭଲ ପାଇବା ଓ ଯତ୍ନ ଯୋଗୁଁ ଆଲ୍‌ଫ୍ରେଡ ଆଜି ବିଶ୍ୱରେ ବନ୍ଦନୀୟ । ତାଙ୍କର ବୈଜ୍ଞାନିକ ପିତା କରତଗୁଣ୍ଡ ଓ ଅଠାର ମିଶ୍ରଣରୁ ପ୍ଲାଇଉଡ୍ ଉଦ୍‌ଭାବନ କରିଥିଲେ। ଫିନ୍‌ଲ୍ୟାଣ୍ଡରେ ବ୍ୟବସାୟ ଆରମ୍ଭକରି ପ୍ରଚୁର ଅର୍ଥ ରୋଜଗାର କଲେ। ଇମ୍ମାନୁଏଲ୍ ଏକ ବିସ୍ଫୋରକ ଦ୍ରବ୍ୟର ଖଣି ଆବିଷ୍କାର କରିଥିଲେ । ଇମ୍ମାନୁଏଲ୍ ରୁଷିଆର ଜାରଙ୍କଠାରୁ ଇମ୍ପେରିଆଲ ସ୍ୱର୍ଣ୍ଣପଦକ ପାଇବାର ଗୌରବ ଅର୍ଜନ କଲେ । ଆଲ୍‌ଫ୍ରେଡ୍ ପିତାଙ୍କ ସହିତ ମିଶି ନାଇଟ୍ରୋଗ୍ଲିସେରିନ୍ ଉପରେ ଅନେକ ପରୀକ୍ଷା ନିରୀକ୍ଷା ଚଳାଇଲେ । ୧୮୬୩ ଅକ୍ଟୋବର ୧୪ ତାରିଖ ନାଇଟ୍ରୋଗ୍ଲିସେରିନ୍‌ର ପ୍ରଥମ ପ୍ୟାଟେର୍ଣ୍ଟ ପାଇଥିଲେ । ଦିନେ ଗବେଷଣାଗାରରେ ନୋବେଲ ନଥା'ନ୍ତି। ଏତିକିବେଳେ ତାଙ୍କ ଗବେଷଣାଗାରରେ ବିସ୍ଫୋରଣରେ ତାଙ୍କ ସାନଭାଇ ଅସ୍କାର ଏମିଲ୍ ମୃତ୍ୟୁବରଣ କଲେ। ସମଗ୍ର ମାନବ ଜାତିର ପ୍ରଗତି ପାଇଁ ନିଜ ଜୀବନକୁ ବାଜି ଲଗାଇ ତରଳ ନାଇଟ୍ରୋଗ୍ଲିସେରିନ୍‌କୁ କଠିନ ଖଣ୍ଡରେ ପରିଣତ କରିବା ପ୍ରୟାସ ଜାରିରଖିଲେ । ୧୮୭୨ ମସିହାରେ ପିତାଙ୍କ ମୃତ୍ୟୁପରେ ଆଲଫ୍ରେଡ୍ ଇଉରୋପ୍ ସାରା ବୁଲି ତାଙ୍କ ନାଇଟ୍ରୋଗ୍ଲିସେରିନ୍ ବ୍ୟବସାୟର ପ୍ରସାର ପାଇଁ ପ୍ରୟାସ ଚଳାଇଥାନ୍ତି। ରେଳଲାଇନ୍ ତିଆରି ଓ ଖଣିରୁ ଧାତୁ ଦ୍ରବ୍ୟ ବାହାର ପାଇଁ ନାଇଟ୍ରୋଗ୍ଲିସେରିନ୍‌ର ବ୍ୟବହାର କରାଯାଉଥିଲା। ତରଳ ନାଇଟ୍ରୋଗ୍ଲିସେରିନ୍ ଜାହାଜରେ ଜର୍ମାନୀର ଏକ ମାଟି କରତ ଗୁଣ୍ଡ ସ୍ଥାନର ଭୁଲ୍‌ବଶତଃ ରହିଥିବାରୁ, ତରଳ ନାଇଟ୍ରୋଗ୍ଲିସେରିନ୍ ମାଟି ସହିତ ମିଶି ଛୋଟ ଛୋଟ ଦାନାରେ ପରିଣତ ହେଲା। ଗବେଷକ ଆଲଫ୍ରେଡ୍ ଏହି ଦାନାକୁ ବିଦ୍ୟୁତ୍ ଶକ୍ ଦେବାରୁ ବିସ୍ଫୋରିତ ପ୍ରତିକ୍ରିୟା ପ୍ରକାଶ ପାଇଲା। ଏହି ନୂତନ ମିଶ୍ରଣ ନାଇଟ୍ରୋଗ୍ଲିସେରିନ୍ ଠାରୁ ଅଧିକ ଫଳପ୍ରଦ ହେବାରୁ ଏହାର ନାମ ନୋବେଲ୍ ନିରାପଦ ଗୁଣ୍ଡ। ଏହି ନୋବେଲ୍ ନିରାପଦ ଗୁଣ୍ଡ ଡିନାମାଇଟ୍ ନାମରେ ନାମିତ ହେଲା। ଡିନାମାଇଟ୍ ତିଆରି ପାଇଁ ଏକ ଭାଗ କିଜେଲଗୁର ମାଟି ସହିତ ତିନିଭାଗ ତରଳ ନାଇଟ୍ରୋଗ୍ଲିସେରିନ୍ ମିଶ୍ରଣ କରାଯାଇଥାଏ।

୧୮୬୭ ମସିହାରେ ନୋବେଲ୍ ଆଣ୍ଡ କମ୍ପାନୀ ଡିନାମାଇଟ୍ ରପ୍ତାନୀ ଆରମ୍ଭ କଲେ । ସେହିଦିନ ଠାରୁ ଯୁଦ୍ଧ ସାମଗ୍ରୀ ରପ୍ତାନୀକାରୀ ହିସାବରେ ଆଲ୍‌ଫ୍ରେଡ୍ ପରିଚିତ ହେଲେ। ୧୮୬୮ ମସିହାରେ ସୁଇଡେନ୍‌ର ବିଜ୍ଞାନ ଏକାଡେମୀ ଆଲ୍‌ଫ୍ରେଡ୍‌ଙ୍କୁ ତାଙ୍କର ବିଜ୍ଞାନର ମୌଳିକ ଅବଦାନ ପାଇଁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ନୋବେଲ୍‌ଙ୍କର ଡିନାମାଇଟ୍ ପ୍ରସ୍ତୁତି କାରଖାନା ଆମେରିକା, ପ୍ୟାରିସ ଓ ବ୍ରିଟେନ୍ ପ୍ରଭୃତି ଦେଶରେ ଦେଖାଦେଲା । ନୋବେଲ୍ ବ୍ରିଟେନ୍‌ର ଆରଡର୍ ଠାରେ ସ୍ଥାପନ କଲେ ପୃଥିବୀର ସର୍ବବୃହତ ଡିନାମାଇଟ୍ କାରଖାନା । ଅର୍ଥ, ଜ୍ଞାନ ଓ ଗବେଷଣା ଥିଲା ତାଙ୍କ ଜୀବନର ପ୍ରଧାନଧାରା। ସେ ପ୍ରତି କ୍ଷେତ୍ରରେ ମନ ପ୍ରାଣ ଢ଼ାଳି ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ । ତାଙ୍କର କୌଣସି ଫ୍ୟାକ୍ଟ୍ରୀରେ ଧର୍ମଘଟ କି ତାଲବନ୍ଦ ହୋଇନଥିଲା । ତାଙ୍କର ନିଃସଙ୍ଗ ଜୀବନ ମଧ୍ୟରେ ସେ ଥରେ ନିଜର ଜଣେ ବନ୍ଧୁଙ୍କ ପାଖକୁ ଚିଠି ଦେଇଥିଲେ ।

କାହାନ୍ତି ସେମାନେ ? ମୋର ସମସ୍ତ ବନ୍ଧୁ ଗଲେ କୁଆଡେ ? ପାଣିମୟ ସନ୍ତସନ୍ତିଆ ସ୍ଥାନ ରୂପକ ମିଥ୍ୟା ଭ୍ରାନ୍ତିର କର୍ଦ୍ଦମାକ୍ତ ଭୂମିରେ ସେମାନେ କ'ଣ ଫଶିଗଲେ ? ନା ଅଟକିଗଲେ ଅର୍ଥ ଉପାର୍ଜନ ପଙ୍କିଳ ଭୂମିରେ । ମୁଁ ତୁମକୁ କହିରଖୁଛି ସେ ଅଧିକାଂଶ ବନ୍ଧୁ କେବଳ କୁକୁର ମାନଙ୍କ ଭିତରେ ଦେଖିବାକୁ ମିଳନ୍ତି। ଯେଉଁମାନଙ୍କୁ ଆମେ ଅନ୍ୟପ୍ରାଣୀଙ୍କ ମାଂସ ଖୁଆଇଥାଉ । ଏମିତି ବହୁତ ବନ୍ଧୁ ଅଛନ୍ତି, ଯେଉଁମାନେ ଆମ ନିଜ ମାଂସରେ ପାଳିତ । ବିପୁଳ ଯଶଃ ଅର୍ଥ ଓ ଐଶ୍ୱର୍ଯ୍ୟ ମଧ୍ୟରେ ରହି ମଧ ସେ ଶାନ୍ତି ପ୍ରିତି ଓ ସାହିତ୍ୟ ଅନୁରାଗୀ ଥିଲେ । ତାଙ୍କ ଗ୍ରନ୍ଥାଗାରଟିରେ ପ୍ରାୟ ପନ୍ଦରଶହଟି ମୂଳ ଭାଷାରେ ଲିଖିତ ପୁସ୍ତକ ରହିଥିଲା । ଆଲ୍‌ଫ୍ରେଡ୍ ବହୁ କବି, ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟକାରଙ୍କ ସହିତ ସମ୍ପର୍କ ରଖିଥିଲେ। ଭୋଲଟାୟାର ଓ ରୁଷୋଙ୍କ ଦର୍ଶନ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଚାର୍ଲସ୍ ଡାରଉଇନ୍‌ଙ୍କ ବିବର୍ତନ ବାଦର ସେ ଥିଲେ ବଡ ସମର୍ଥକ । ଆଲଫ୍ରେଡ୍‌ଙ୍କ ସ୍ୱାସ୍ଥ୍ୟହାନି ଯୋଗୁଁ ସେ ବୈଜ୍ଞାନିକ ଗବେଷଣା ତଥା ପରୀକ୍ଷା ନିରୀକ୍ଷାରୁ ବିରତ ହୋଇ ଲେଖାଲେଖିରେ ମନନିବେଶ କଲେ । ତାଙ୍କ ଦ୍ୱାରା ରଚିତ ଉପନ୍ୟାସ 'ଇନ୍ ବ୍ରାଇଟେଷ୍ଟ ଆଫ୍ରିକା' ଓ 'ସିଷ୍ଟାର୍ନା' । ସେ 'ଦି ପ୍ୟାଟେଣ୍ଟ ବ୍ୟାସିଲସ୍' ନାମକ ପୁସ୍ତକରେ ଅମଲାତନ୍ତ୍ରର ଔଦ୍ଧତ ଓ ନିଜର ଅନୁଭୂତିକୁ ହାସ୍ୟରସାତ୍ମକ ଭାବେ ବର୍ଣ୍ଣନା କରିଛନ୍ତି। ତାଙ୍କର ଅନ୍ୟ ଏକ ନାଟ୍ୟ ପୁସ୍ତକ ନାମ ଥିଲା 'ନେମେସିସ୍' । ଜ୍ଞାନ, ବିଜ୍ଞାନ, ବିଶ୍ୱାସ, ଯୁଦ୍ଧ ବିଗ୍ରହ ଓ ଶାନ୍ତି ସ୍ଥାପନ ସଂକ୍ରାନ୍ତରେ ତାଙ୍କର ଅନେକ ଲେଖା ସଂଗ୍ରହାଳୟରେ ସଂରକ୍ଷିତ । ପ୍ରଗତିପନ୍ଥୀ ନୋବେଲ୍ ଧାରଣ ଥିଲା ଯେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶରେ ହିଁ ମାନବ ଜାତିର ସମୃଦ୍ଧି ହେବ । ଜ୍ଞାତିବନ୍ଧୁବିହୀନ ନିଃସଙ୍ଗ ଜୀବନ ଥିଲା ବର୍ନହାର୍ଡ ନୋବେଲଙ୍କର । ୧୮୯୬ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ଅଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ୍ ଅଫିସ୍ ଟେବୁଲ ପାଖରେ ବସି କାମ କରୁଥିବା ସମୟରେ ଚିରନିଦ୍ରାରେ ଶୋଇ ଯାଇଥିଲେ। ତାଙ୍କ ମୃତ୍ୟୁବେଳକୁ ପାଖରେ କେହି ନଥିଲେ। ତାଙ୍କ ଟେବୁଲ ଡ୍ର' ଭିତରୁ ମିଳିଲା ଅନ୍ତିମ ଇଚ୍ଛାପତ୍ର ଓ ଶାନ୍ତି ସନନ୍ଦ । ନୋବେଲ୍‌ଙ୍କ ଶେଷ ଇଚ୍ଛାପତ୍ର ୧୮୯୫ ମସିହା ନଭେମ୍ବର ମାସ ୨୭ ତାରିଖରେ ପ୍ୟାରିସ୍‌ଠାରେ ସ୍ୱାକ୍ଷରିତ ହୋଇଥିଲା । ଉଇଲ୍‌ର ସର୍ତ୍ତ ଅନୁଯାୟର ଗଠିତ ହେଲା 'ନୋବେଲ୍ ଫାଉଣ୍ଡେସନ୍' । ନୋବେଲ୍‌ଙ୍କର ସମ୍ପତିରେ ବିକ୍ରିବଟାରୁ ପ୍ରାପ୍ତ ଅର୍ଥ ଓ ଗଚ୍ଛିତ ଅର୍ଥକୁ ମିଶାଇ ଏକ ସ୍ଥାୟୀ ପାଣ୍ଠିରେ ଜମା ରଖାଗଲା । ଏହି ଜମା ଅର୍ଥର ସୁଧରୁ ନୋବେଲ ପୁରସ୍କାର ବାବଦରେ ଖର୍ଚ୍ଚ ପାଇଁ ବ୍ୟବସ୍ଥା ହେଲା । ପୁରସ୍କାର ପ୍ରଦାନର ଦାୟିତ୍ୱ ନୋବେଲ୍ ଫାଉଣ୍ଡେସନ୍ ଉପରେ ନ୍ୟସ୍ତ ହେଲା । ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ମୃତ୍ୟୁ ଦିବସକୁ 'ନୋବେଲ୍ ଦିବସ' ରୂପେ ପାଳନ କରାଯାଏ ।

୧୯୦୧ ମସିହାଠାରୁ ନୋବେଲ ଫାଉଣ୍ଡେସନ୍, ଚାରିଟି ପୁରସ୍କାର ପ୍ରଦାନକାରୀ ସଂସ୍ଥାଦ୍ୱାରା ୫ଟି ବିଭାଗ ପାଇଁ ପୁରସ୍କାର ପ୍ରଦାନକରି ଆସୁଅଛି । ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ତତ୍ତ୍ୱ ତଥା ଭେଷଜ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି ପାଇଁ ମହାନ୍ ବ୍ୟକ୍ତିମାନଙ୍କୁ ନୋବେଲ୍ ପୁରସ୍କାର ଦିଆଯାଇଥାଏ । ବ୍ୟାଙ୍କ ଅଫ୍ ସୁଇଡେନ୍ ୧୯୬୮ ମସିହାରେ ନୋବେଲ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ଥନୀତି ବିଜ୍ଞାନ ଶାଖାରେ ନୋବେଲ ପୁରସ୍କାର ଦେବାର ବ୍ୟବସ୍ଥା କଲେ ଓ ୧୯୬୯ ମସିହାଠାରୁ ଏହା ପ୍ରଦତ ହେଲା । ନୋବେଲ ପୁରସ୍କାର ଲାଭ କରିଥିବା ବ୍ୟକ୍ତିଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥାଏ ଗୋଟିଏ ସ୍ୱର୍ଣ୍ଣ ପଦକ, ଏକ ପ୍ରମାଣ ପତ୍ର ଓ ଅର୍ଥ ରାଶି ।

**ଅକ୍ଷୟ କୁମାର ରାଉତ**
ପାରାଦ୍ୱୀପଗଡ଼, ମୋବାଇଲ୍ : ୯୯୩୭୬୯୧୪୭୫

# କ୍ଷୁଧାପ୍ରପୀଡ଼ିତ ଭାରତ !

ଅନାହାର, ଅର୍ଦ୍ଧାହାର, ପୁଷ୍ଟିହୀନତା ଆଦିର ପରିସଂଖ୍ୟାନକୁ ଆମ ସରକାର କେବେ ବିଶ୍ୱାସକୁ ନିଅନ୍ତି ନାହିଁ। ଏସବୁ ମାନବକୃତ ସଙ୍କଟ ପାଇଁ ଯେଉଁ ମୃତ୍ୟୁ ଘଟେ, ତା'କୁ ମଧ ସବୁବେଳେ ଅସ୍ୱୀକାର କରନ୍ତି। ଏହାର କାରଣ ଅବଶ୍ୟ କାହାକୁ ଅଛପା ନାହିଁ। ଯଦି ଏହାକୁ ସରକାର ସ୍ୱୀକାର କରିବେ, ତେବେ ତାଙ୍କ ମର୍ଯ୍ୟାଦାହାନି ହେବ ଓ ଶାସକ ଦଳ ଆରଥରକୁ ଭୋଟ ନପାଇ କ୍ଷମତାଚ୍ୟୁତ ହେବାର ଆଶଙ୍କା ମଧ ବେଶି। ମାତ୍ର ଆମ ରାଜନୀତି ଓ ରାଜନୀତିଜ୍ଞମାନେ ଯଦି ସତ୍ ଓ ସାଧୁ ହୁଅନ୍ତେ, ତେବେ ପ୍ରକୃତରେ ଆଉ କିଛି ହେଉ ନ ହେଉ, ଅନ୍ତତଃ ଭାରତର କୌଣସି ବ୍ୟକ୍ତି ଭୋକିଲା ରହନ୍ତୁ ନାହିଁ, ସେଇ କଥାଟିକୁ ନିଶ୍ଚିତ କରିପାରନ୍ତେ; ଅଥଚ ଏ ପର୍ଯ୍ୟନ୍ତ ତାହା ହୋଇପାରିଲା ନାହିଁ, କେବଳ ବିକାଶ ଓ ଅଭିବୃଦ୍ଧି ଭଳି ଶବ୍ଦଗୁଡ଼ାକ ଆମ କାନକୁ ତାବ୍‌ଦା କରିପକାଉଛି। ୱାଶିଂଟନସ୍ଥିତ ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା ଅନୁଷ୍ଠାନ (ଆଇଏଫ୍‌ପିଆର୍‌ଆଇ) ଦ୍ୱାରା ନିକଟଅତୀତରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ-୨୦୧୬ ଅନୁସାରେ ୧୧୮ଟି ଦେଶର ତାଲିକାରେ ଆମ ଦେଶର ସ୍ଥାନ ୯୭। ଗତ କିଛିବର୍ଷ ତଳେ ୧୦୪ଟି ଦେଶର ଏହି ତାଲିକାରେ ଭାରତର ସ୍ଥାନ ଥିଲା ୮୦। ଏହି ସୂଚକାଙ୍କ ଅନୁଯାୟୀ ଆମ ଲୋକଙ୍କୁ ପେଟପୂରା ଦି'ଓଳି ଖାଦ୍ୟ ଦେବା ମାମଲାରେ ଆମେ ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କା ଭଳି ଦେଶଠାରୁ ମଧ ପଛରେ ରହିଛୁ। ଆମ ନେତୃତ୍ୱ ଓ ନୀତି ନିର୍ଦ୍ଧାରଣକାରୀମାନଙ୍କ ପାଇଁ ଏହାଠାରୁ ବଳି ଲଜ୍ଜାଜନକ କଥା କିଛି ଥାଇ ନପାରେ। କେବଳ ଏତିକି ନୁହେଁ, ଆଇଏଫ୍‌ପିଆର୍‌ଆଇ ଅନୁସାରେ ଆମ ଦେଶର ୧୫.୨ ଶତାଂଶ ଲୋକଙ୍କୁ ଅର୍ଦ୍ଧଭୋଜନରେ ହିଁ ରହିବାକୁ ପଡୁଛି। ସେହିପରି ପାଞ୍ଚବର୍ଷରୁ କମ୍ ବୟସର ୩୮.୭ ଶତାଂଶ ଶିଶୁ ପୁଷ୍ଟିହୀନତା ଭୋଗୁଛନ୍ତି। କେବଳ ଏହି ସୂଚକାଙ୍କ ନୁହେଁ, ଜାତିସଙ୍ଘର ବାର୍ଷିକ କ୍ଷୁଧା ରିପୋର୍ଟ ମଧ ଠିକ୍ ଏଇ ଚିତ୍ର ଦେଖାଉଛି। ଆମ ଦେଶର ୧ କୋଟି ୯୪ ଲକ୍ଷ ଲୋକଙ୍କୁ ପେଟପୂରା ଖାଦ୍ୟ ଖାଇବାକୁ ମିଳେ ନାହିଁ। ବିଗତ ଦୁଇ ଦଶନ୍ଧି ମଧରେ କ୍ଷୁଧାପୀଡ଼ିତଙ୍କ ସଂଖ୍ୟା ହ୍ରାସ ପାଇଥିଲେ ହେଁ ତାହା ସନ୍ତୋଷଜନକ ନୁହେଁ। ବିଶ୍ୱର ଅନ୍ୟ ଦେଶ ତୁଳନାରେ ମଧ ଏହି ହ୍ରାସର ହାର କମ୍। ଏହି ସମୟ ମଧରେ ସମଗ୍ର ବିଶ୍ୱରେ ଭୋକିଲା ଲୋକଙ୍କ ସଂଖ୍ୟା ୨୦ ଶତାଂଶ କମିଥିବା ବେଳେ ଆମ ଦେଶରେ କମିଛି ମାତ୍ର ୭ ଶତାଂଶ। ଏସବୁ ପରିସଂଖ୍ୟାନ କହିଦେଉଛି ଯେ ଦାରିଦ୍ର୍ୟ ଉନ୍ମୁଳନ ଓ ଉନ୍ନୟନ ନେଇ ଆମ ସରକାର ଯେତେ ବାହାଦୁରୀ ମାରିଆସିଛନ୍ତି, ତାହା କେବଳ ଲୋକଦେଖାଣିଆ ଓ ମୂଲ୍ୟହୀନ। ସମସ୍ୟା ଓ ସଙ୍କଟର ଭୟାବହତାକୁ ଯେତେ କମ୍ କରିଦେଖାଇଲେ ବି ତାହା ମଝିମଝିରେ ଏମିତି 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି' କଥା ପରିକା ଦିଶିଯାଉଛି। ବିଦେଶୀ ସଂସ୍ଥାଗୁଡ଼ିକ ବାସ୍ତବ ସ୍ଥିତି ଜାଣିନାହାନ୍ତି ବା ସରକାରଙ୍କୁ ବଦନାମ କରିବା ପାଇଁ ଏଭଳି ପରିସଂଖ୍ୟାନ ଦେଉଛନ୍ତି ବୋଲି ମଧ ସରକାର କହିପାରିବେ ନାହିଁ; କାରଣ ସରକାର ନିଜେ ଦେଖାଉଥିବା ଅଭିବୃଦ୍ଧିର ପରିସଂଖ୍ୟାନ ବି ସେଇ ବିଦେଶୀ ସଂସ୍ଥାମାନଙ୍କର। ପ୍ରକୃତ କଥା ହେଉଛି ସରକାର ଦାରିଦ୍ର୍ୟ, ଅଶିକ୍ଷା, ରୋଗ ଉନ୍ମୁଳନ ପାଇଁ ଯେଉଁସବୁ ବ୍ୟବସ୍ଥା ବା ଯୋଜନା କରିଆସିଛନ୍ତି, ତାହା କେବଳ କାମଚଳା; ଅର୍ଥାତ ଏ ସବୁକୁ ହଟାଇବା ପାଇଁ ଯୋଜନା କରାଯାଉନାହିଁ, ବରଂ ଦରିଦ୍ର, ଅଶିକ୍ଷିତ, ରୋଗୀମାନଙ୍କୁ କେବଳ ଜୀବିତ ରଖିବା ଏହାର ଉଦ୍ଦେଶ୍ୟ। ଯଦି ସତକୁସତ ଏସବୁର ଉଚ୍ଛେଦ ପାଇଁ ସରକାର ଭାବନ୍ତେ, ତେବେ ସର୍ବପ୍ରଥମେ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ରୋଜଗାରର ବ୍ୟବସ୍ଥା କରିବା ସହ ସ୍ଥାୟୀ ସୁବିଧାସୁଯୋଗ ବିକଶିତ କରିବାରେ ଧ୍ୟାନ ଦିଅନ୍ତେ। ପରିତାପର ବିଷୟ ଯେ ବର୍ତ୍ତମାନର ସରକାର ଏଭଳି ଯୋଜନାଗୁଡ଼ିକର ବଜେଟ୍‌ରେ ମଧ କଟାଣହରଣ କରିଦେଇଛନ୍ତି, ଯାହାଦ୍ୱାରା ଦେଶର ଗରିବ ଲୋକେ ପ୍ରତ୍ୟକ୍ଷଭାବେ ପ୍ରଭାବିତ ହୋଇଥାନ୍ତି। ବର୍ତ୍ତମାନ ସରକାର ଯେଉଁ ନୀତିସବୁ ତିଆରୁଛନ୍ତି, ତାହା ଗୋଟିଏ କ୍ଷୁଦ୍ରବର୍ଗର ହିତ ପାଇଁ ଉଦ୍ଦିଷ୍ଟ ଭଳି ମନେହେଉଛି। ସେହି ଗୋଷ୍ଠୀଟି ହିଁ ଲାଭବାନ ହୋଇହୋଇ ଚାଲିଛି ଓ ଗରିବମାନେ ଗରିବ ହୋଇଚାଲିଛନ୍ତି। କ୍ଷମତାଶାଳୀ ସମୃଦ୍ଧ ବର୍ଗ ବେଶ୍ ଚାକଚକ୍ୟ ଜୀବନ ଉପଭୋଗ କରି ବିକାଶର ମନଲୋଭା କାହାଣୀ ପ୍ରଚାର କରିଚାଲିଥିବାବେଳେ ଦେଶର ଅର୍ଦ୍ଧାଧିକ ମଣିଷ ଦୟନୀୟ ଅବସ୍ଥାରେ କାଳାତିପାତ କରିବାକୁ ବାଧ ହେଉଛନ୍ତି। ଏହି ଅବହେଳିତ ଓ ନିଷ୍ପେଷିତ ଲୋକେ କେବଳ ଅର୍ଥନୈତିକ ପୀଡ଼ନର ଶିକାର ନୁହନ୍ତି, ସାମାଜିକ ଓ ସାଂସ୍କୃତିକ ନିର୍ଯାତନା ମଧ ଭୋଗିଚାଲିଛନ୍ତି। ସରକାର ନିଜ ସଫଳତାର କାହାଣୀ ବଜାଇ ଚାଲିଥିବା ବେଳେ ଉପରୋକ୍ତ ପରିସଂଖ୍ୟାନସବୁକୁ କେମିତି ଗ୍ରହଣ କରିବେ, ତା'ରି ଉପରେ ସରକାରଙ୍କ ଇଚ୍ଛାଶକ୍ତି କିଭଳି ତାହା ଆକଳନ କରିହେବ। ତେବେ ବିଶ୍ୱର ମହାଶକ୍ତି ବୋଲି ଭାରତକୁ କହିବା ଅପେକ୍ଷା ପ୍ରତ୍ୟେକ ନାଗରିକକୁ ତା'ର ମୌଳିକ ଅଧିକାର ଯେମିତି ମିଳିବ, ସେଥିପାଇଁ ନେତୃତ୍ୱ ଅଧିକ ଧ୍ୟାନ ଦେଉ। ସମାଜର ତଳସ୍ତରରେ ଥିବା ବଞ୍ଚିତ ଓ ଦୁର୍ବଳ ବର୍ଗ ବିକାଶର କାହାଣୀରେ ଯେ ପର୍ଯ୍ୟନ୍ତ ସହଭାଗୀ ହୋଇନାହାନ୍ତି, ସେହି ବିକାଶର ପଇସାଟାକର ମୂଲ୍ୟ ନାହିଁ କି ତା'ର କିଛି ଅର୍ଥ ନାହିଁ। ଭୋକିଲା ଭାରତର ଏ ଚିତ୍ର ଦେଶର ସମସ୍ତ ସମ୍ଭ୍ରାନ୍ତ ଏବଂ ଧୋବଧାଉଳିଆ ନେତା, ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକଙ୍କ ପାଇଁ ଲଜ୍ଜାର କାରଣ ହେବ, ତାହା ଆମର ବିଶ୍ୱାସ।




# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇôକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶାକରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଯୁବ କଂଗ୍ରେସ ପକ୍ଷରୁ ତୈଳ ଦରବୃଦ୍ଧି ପ୍ରତିବାଦରେ ରାସ୍ତା ଅବରୋଧ

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ତୈଳ / ରନ୍ଧନଗ୍ୟାସ / ଅତ୍ୟାବଶକୀୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ମାଷ୍ଟରକ୍ୟାଂଟିନ ଠାରେ ଜନପଥ ରାସ୍ତାକୁ ଦେଢ଼ଘଂଟା ଧରି ଅବରୋଧ କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି ପରୀପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ନିଷ୍ପତିରେ ଆଜି ପେଟ୍ରୋଲ/ ଡିଜେଲ / ରନ୍ଧନଗ୍ୟାସ ଓ ସମସ୍ତ ଅତ୍ୟାବଶକୀୟ ସାମଗ୍ରୀର ଦର ଅତି ଅମାନବିୟ ଭାବରେ ବୃଦ୍ଧି କରାଯାଇଛି। ସାଧାରଣ ଜନତା ଅନୁଭବ କରୁଛନ୍ତି ରାଜ୍ୟରେ ଓ ଦେଶରେ ଆଉ ଗଣତନ୍ତ୍ରର ଶାସନ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲେ ପେଟ୍ରୋଲ / ଡିଜେଲ ଦର ୪୦ଟଙ୍କାରେ ସୀମିତ ରଖିବେ। ମୋଦି ସରକାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୩୦ ଡଲାରୁ ୮୦ ଡଲାର ପର୍ଯ୍ୟନ୍ତ ଯାଇଛି। ହେଲେ ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କା ପାର ହୋଇଥିବା ବେଳେ ରନ୍ଧନଗ୍ୟାସ ଟାଙ୍କି ୧୦୦୦ ଟଙ୍କାରେ ପଂହଚିଛି। ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ମୋଦି ସରକାରର ଏହି ଦରବୃଦ୍ଧି ଅତ୍ୟାଚାର ସମର୍ଥନ କରୁଛନ୍ତି। ଯୁବ ବିଜେଡ଼ି ଦଳ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି କାରଣ ନବୀନ ସରକାରରେ ମଧ ଏହି ଦରବୃଦ୍ଧିରେ ବଡ଼ ଅଂଶ ରହିଛି।

# ଖଣ୍ଡପଡା ୬ନଂ ଜିଲ୍ଲା ପରିଷଦ ଜୋନ, ପଛୁଆବର୍ଗ ନିମନ୍ତେ ସଂରକ୍ଷିତ ଦାବି

ଖଣ୍ଡପଡା,(ପି.ଏନ): ଆସନ୍ତା ୨୦୨୨ରେ ଅନୁଷ୍ଠିତ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ସଂରକ୍ଷିତ ତାଲିକା ପ୍ରକାଶ ପାଇଛି । ଖଣ୍ଡପଡା ନିର୍ବାଚନମଣ୍ଡଳୀର ୬ନଂ ଜିଲ୍ଲା ପରିଷଦ ଜୋନ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି । ତେବେ ଉକ୍ତ ଜୋନଟିକୁ ପଛୁଆବର୍ଗଙ୍କ ନିମନ୍ତେ ସଂରକ୍ଷିତ ରଖିବାକୁ ୬ନଂ ଜୋନ ଅଧିନସ୍ଥ ୫ଟି ପଂଚାୟତର ଜନସାଧାରଣ ଦାବି କରିବା ସହ ଏ ସଂପର୍କୀତ ଦାବିପତ୍ର ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ପଂଚାୟତ ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାଯାଇଛି । ୬ନଂ ଜୋନ ଅଧିନ କଂଟିଲୋ, ବାଣପୁର, ବେଣାଗାଡିଆ, ସିଧାମୂଳା ଓ ବୋଦସା ପଂଚାୟତବାସୀଙ୍କ ଅଭିଯୋଗ ଯେ, ଉକ୍ତ ଜୋନରେ ୭୫ ପ୍ରତିଶତ ଜନସାଧାରଣ ପଛୁଆବର୍ଗ ଶ୍ରେଣୀର ଅଟନ୍ତି । ତେଣୁ ପଛୁଆବର୍ଗଙ୍କ ନିମନ୍ତେ ୬ନଂ ଜୋନ ଜିଲ୍ଲା ପରିଷଦ ଆସନଟି ସଂରକ୍ଷିତ ରଖିବାକୁ ସାଧାରଣରେ ଦାବି ହେଉଛି । ପ୍ରକାଶ ଥାଉକି ବିଗତ ନିର୍ବାଚନରେ ୬ନଂ ଜିଲ୍ଲା ପରିଷଦ ଆସନଟି ୧୯୯୭-୨୦୦୨ ପଛୁଆବର୍ଗ, ୨୦୦୨-୨୦୦୭ ମହିଳା, ୨୦୦୭-୨୦୧୨ ଅନୁସୂଚିତ ଜାତି, ୨୦୧୨-୨୦୧୭ ପଛୁଆବର୍ଗ ମହିଳା, ୨୦୧୭-୨୦୨୨ ଅସଂରକ୍ଷିତ (ସାଧାରଣବର୍ଗ) ନିମନ୍ତେ ଉଦ୍ଦିଷ୍ଟ ଥିଲା। ନିୟମାନୁସାରେ ଉକ୍ତ ଜୋନଟି ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ନିମନ୍ତେ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।


# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ); ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱିବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଲା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟାର୍ଥୀର ଦୁଆର ମୁହଁ ରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହୁଁଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ । ଉଭୟ ପ୍ରକୃତ ଓ ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ । ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମା□ଷ୍ଟର ରୁ ସଂଯୋଜନା କରିଥିଲେ। ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ।

# କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ

ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନୀଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧ୍ୟକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ। ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲ୍ୟାମ୍ପସ୍ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ । ନୂଆକୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରର ଏଜେଣ୍ଟମାନଙ୍କୁ ପହ□ିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ। ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି । ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହ ?ି ସେମାନଙ୍କ ଠାରୁ ଫସଲ କିଣିବା ଆଦୌ ସମ୍ଭବ ହେବନାହିଁ। ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ ନ କିଣିଲେ ସାଧାରଣ ବ ?ନ ବ୍ୟବସ୍ଥା ପ୍ରଭାବିତ ହେବ। ଏହାହେଲେ ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ। ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବୀରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଦେଶରେ ଖାଦ୍ୟଶସ୍ୟର ନିଅ ?ିଆ ପରିସ୍ଥିତି ସୃଷ୍ଟି କରିବା ସହ ଦରଦାମ୍ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କାରଣ କର୍ପୋରେଟ୍ ସେକ୍ଟରର ଏଜେ ?ମାନେ ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଚ୍ଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ । ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଚ୍ଛିତ ଖାଦ୍ୟଶସ୍ୟକୁ ଚଢା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ । ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ। ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରର ଏହି କଳା କୃଷି ଆଇନ୍‌କୁ ସମସ୍ତେ ମିଳିମିଶି ଦୃଢ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା।

# ମା' ମଙ୍ଗଳାଙ୍କ ଉଭାପର୍ବ



ଖଣ୍ଡପଡା,(ପି.ଏନ): ଖଣ୍ଡପଡା ସହରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ସ୍ନାନ ଯାତ୍ରା ଓ ଉଭା ପର୍ବ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ଶହଶହ ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବମୁଖର ହୋଇ ଉଠିଥିଲା। ପ୍ରାତଃ ସମୟରୁ ମା' ଙ୍କ ମଙ୍ଗଳ ଆଳତୀ, ନୀତିକାନ୍ତି ଶେଷ ପରେ ଭକ୍ତମାନେ ମା ଙ୍କୁ ଦର୍ଶନ କରିଥିଲେ । ସନ୍ଧ୍ୟା ସମୟରେ ଏକ ବିରାଟ ପାଟପଟୁଆରରେ ମା ମଙ୍ଗଳାଙ୍କ ପ୍ରତିମାଙ୍କୁ ନିକଟସ୍ଥ ବଡ ପୋଖରୀକୁ ନିଆଯାଇଥିଲା। ଶହଶହ ମହିଳା କଳସ ଧରି ଶୋଭାଯାତ୍ରାରେ ସେଠାକୁ ଯାଇଥିଲେ। ସେଠାରେ ମା ଙ୍କ ସ୍ନାନ ସହ ଉଭା ପର୍ବ ଅନୁଷ୍ଠିତ ହୋଇଥିଲା। ପରେ ମା ଙ୍କ କାଳେସୀ ସହ ମାନସିକଧାରୀ ମହିଳାମାନେ ରାତ୍ରକାଳରେ ମନ୍ଦିରକୁ ପ୍ରତ୍ୟାବର୍ତନ କରିଥିଲେ। ବାଜା, ବାଣ, ରୋଷଣି ସାଙ୍ଗକୁ ହରିବୋଲ ହୁଳହୁଳି ଧ୍ୱନୀ ଯୋଗୁଁ ଖଣ୍ଡପଡା ସହରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

2021-2022
ADMISSION OPEN
Maharishi Public School, Baripada




STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରାକ୍ ଶୈଶବ ଶିକ୍ଷା ଯୋଜନା କାର୍ଯ୍ୟକାରୀ

ଭୁବନେଶ୍ୱର (ପିଏନ୍): ଦିନ ଥିଲା ଜେଜ ଜେଜିମା ମାନେ ନିଜ ନାତି-ନାତୁଣୀଙ୍କୁ ଶୋଇବା ସମୟରେ ଲୋରି ବା ଏକ ପ୍ରକାର ଶିଶୁ ଭାବାର୍ଥ ବୋଧକ ସଂଗୀତ ଶୁଣାଉଥିଲେ। ବର୍ତ୍ତମାନର ଯୁଗ ତ ଅଲଗା। ନିରାପତ୍ତା ଓ ସ୍ୱୀକୃତି ଶିଶୁର ଆତ୍ମବିଶ୍ୱାସକୁ ବଢ଼ାଇଥାଏ। ଜୀବନର ପ୍ରାରମ୍ଭିକ ଛଅବର୍ଷ ସମୟକୁ ଆଦ୍ୟ ଶୈଶବ କୁହାଯାଇଥାଏ। ତେଣୁ ଛଅ ବର୍ଷ ବୟସର ଶିଶୁଙ୍କୁ ମୁକ୍ତ, ଆନନ୍ଦଦାୟକ, ମୂଲ୍ୟବୋଧସମ୍ପନ୍ନ ଓ ବିଷୟଭିତ୍ତିକ ଶିକ୍ଷାର ସୁଯୋଗ ଦେବା ପାଇଁ ନିକଟରେ ରାଜ୍ୟ ସରକାର ଏକ ଅଭିନବ ଓ ଶିକ୍ଷଣୀୟ ଯୋଜନା ବିଧିବଦ୍ଧ ଭାବେ ଆରମ୍ଭ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଜାତୀୟ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ନୀତି ଅନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରାକ୍ ଶୈଶବ ଶିକ୍ଷା ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହୋଇଛି। ସବୁଠାରୁ ବଡ଼ କଥା ହେଲା ଶିଶୁ ଯେପରି ଜନ୍ମରୁ ଶିଖିବା ଆରମ୍ଭ କରିବ ସେଥିପ୍ରତି ଏହି ଯୋଜନାରେ ଗୁରୁତ୍ୱ ଦିଆଯାଇଛି। ସ୍ୱଭାବତଃ ଛୋଟ ଛୋଟ କୋମଳମତି ପିଲାମାନେ ଖେଳ, କୁସ୍ତିକସରତକୁ ଭାରି ଭଲ ପାଆନ୍ତି। ସରକାରଙ୍କ ଏହି କାର୍ଯ୍ୟକ୍ରମରେ ଶିଶୁମାନଙ୍କୁ ପ୍ରଥମାବସ୍ଥାରେ ଖେଳପ୍ରିୟ କରାଇବା, କାହାଣୀ ଶୁଣାଇବା, ଶୁଣାଇବା ସମୟରେ ମଧୁର ଗୀତ, ଲୋରି ଓ ଅଭିନୟ ଆଦି କାର୍ଯ୍ୟ ମା'ମାନେ କରି ପିଲାଟିକୁ ସ୍ୱାଭାବିକ କରିଥାନ୍ତି। ପ୍ରାକ୍ ଶୈଶବ ଶିକ୍ଷା କାର୍ଯ୍ୟକ୍ରମରେ ପାରମ୍ପରିକ ଭାବେ ଶିଶୁ ଲାଳନପାଳନ ଅଭ୍ୟାସ ଯଥା ସ୍ତନ୍ୟପାନ, ଶିଶୁଙ୍କୁ ମାଲିସ କରିବା ଓ ଦୋଳିରେ ଝୁଲାଇବା ଓ ପରିବେଶ ସହିତ ପରିଚିତ କରାଇବା ପାଇଁ ଏହି ଯୋଜନାରେ ମା'ମାନଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି। ରାଜ୍ୟ ସରକାରଙ୍କ ସବୁଠାରୁ ସଫଳ କୁହାଯାଉଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଏହା କାର୍ଯ୍ୟକାରୀ କରାଯାଉଛି। ଏଥିରେ ପିଲା, ମାଆ ଗର୍ଭରେ ଥିବା ସମୟରୁ ଜନ୍ମ ହେବାର ତିନିବର୍ଷ ପର୍ଯ୍ୟନ୍ତ କିଭଳି ଲାଳନ ପାଳନ କରାଯିବ ସେଥିପାଇଁ ଅଙ୍ଗନବାଡ଼ି କର୍ମୀ ମାନଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି। ସମନ୍ୱିତ ଶିଶୁବିକାଶ ଯୋଜନାରେ କାର୍ଯ୍ୟରତ ସୁପରଭାଇଜରମାନେ ତାଲିମ ନେଇ ଫେରିବା ପରେ ସେମାନେ ଅଙ୍ଗନବାଡ଼ିକର୍ମୀ ଓ ସହାୟିକାମାନଙ୍କୁ ତାଲିମ ଦେଇଥାନ୍ତି। ଅଙ୍ଗନବାଡ଼ିକର୍ମୀ ଓ ସହାୟିକାମାନେ ସେମାନଙ୍କ କେନ୍ଦ୍ର ଅଧୀନରେ ଥିବା ଗର୍ଭବତୀ ଓ ପ୍ରସୂତୀମାନଙ୍କୁ ଏ କ୍ଷେତ୍ରରେ କାଉନ୍ସେଲିଂ କରିବେ। କେତେକ କ୍ଷେତ୍ରରେ ଛୋଟବେଳୁ ପିଲାମାନଙ୍କୁ ପରିବାର ଠାରୁ ଦୂରେଇ ରଖାଯାଉଛି। ଯାହାଦ୍ୱାରା ପିଲାଟିର ମାନସିକତା ପ୍ରଥମ ଅବସ୍ଥାରୁ ହିଁ ବିଗିଡ଼ି ଯାଉଛି। କାରଣ ଶିଶୁଟି ସ୍ନେହ, ମମତା ଓ ଯତ୍ନର ଅଭାବ ଅନୁଭବ କରିବା ସହିତ ଶୈଶବ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଗର୍ଭବତୀ ପ୍ରସୂତୀଙ୍କ ସମେତ ଶିଶୁମାନଙ୍କୁ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଜନାରେ ସରକାର ସାମିଲ କରୁଛନ୍ତି। ତେବେ ପିଲାମାନଙ୍କର ଲାଳନପାଳନ, ଯତ୍ନ ଓ ସେମାନଙ୍କ ବୌଦ୍ଧିକ ବିକାଶ ନିମନ୍ତେ ଜନ୍ମରୁ ତିନିବର୍ଷ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ନଥିଲା। ତେବେ ନୂତନ ଯୋଜନାର ସମ୍ପାଦନା ଓ ନୀତି ନିୟମ ସମସ୍ତଙ୍କୁ ସୂଚୀତ କରାଯାଇଥାଏ। ଆପଣ ହୁଏତ ଜାଣିନଥିବେ ଜଣେ ଶିଶୁକୁ ଏକୁଟିଆ ଛାଡ଼ିଦେଲେ ତାର ମସ୍ତିଷ୍କ ବିକାଶ ଘଟିପାରେ ନାହିଁ ଯାହାଦ୍ୱାରା ଶିଶୁ ମଧ୍ୟରେ ଅଝଟ ପଣିଆ ବଢ଼ିଥାଏ ତେଣୁ ତାହା ସହିତ ସବୁବେଳେ କଥାବାର୍ତ୍ତା କରିବା, ତାକୁ ବିଭିନ୍ନ ଅଙ୍ଗଭଙ୍ଗୀ ଦେଖାଇବା ଦ୍ୱାରା ସେ ଅନେକ କିଛି ଜାଣିପାରିବ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦିବ୍ୟାଙ୍ଗ ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ସାମର୍ଥ୍ୟ ଓ ଗୁଣର ବିକାଶ ଘଟାଇବା ଉପରେ ମଧ୍ୟ ପ୍ରାଥମିକତା ଦିଆଯାଉଛି। ଶିଶୁଟିକୁ କୁହାଯାଏ ଆଗାମୀ ଦିନର ଭବିଷ୍ୟତ। ତା ଉପରେ ସମାଜ, ଦେଶ, ପରିବାରର ଦାୟିତ୍ୱ ବି ରହିଛି। ତେବେ ରାଜ୍ୟ ସରକାରଙ୍କ ଏହି ଯେଉଁ ଅଭିନବ ଓ ପ୍ରଶଂସନୀୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ନିଶ୍ଚିନ୍ତ ଭାବରେ ସଫଳ ହେବ। ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଇ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେବେ ପିଲାମାନଙ୍କ ପାଇଁ ଲୋରି ପରିବେଷଣ ବେଳେ ମାଆ ମାନଙ୍କୁ ତାଲିମ ଦେବା ନିହାତି ଜରୁରୀ। ପିଲାଟି କେବଳ ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ତା'ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ। ମାଆର ଭାଷା କୁନି ପିଲାଟି ବେଶ ଭଲ ଭାବରେ ବୁଝିପାରେ। ପ୍ରାକ୍ ଶୈଶବ ଶିକ୍ଷା ଯୋଜନା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଛି। ପିଲାମାନଙ୍କ ଭିତରେ ଅନ୍ତର୍ନିହିତ ବିକାଶର ଅତ୍ୟନ୍ତ ଜରୁରୀ ଆବଶ୍ୟକତା ରହିଛି।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବକୁ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଉଦ୍‌ଘାଟନ କରିଥିଲେ। ଗୋପବନ୍ଧୁଙ୍କ ସେବା, ତ୍ୟାଗ ଏବଂ ଜାତିପ୍ରେମର ପଟାନ୍ତର ନାହିଁ। ଓଡିଶା ଜାତିର ଉତ୍‌ଥାନ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ଶ୍ରୀ ଲାବଣ୍ୟ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ଶୈଳବାଳା ବେହେରାଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ଶିକ୍ଷାବିତ୍ ଅଭିମନ୍ୟୁ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ଏମ୍‌ସିଏମ୍ ମଧୁସ୍ମିତା କର ଓ ସୁମିତ୍ରା ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଭରତ ଦାସ, ବଂଶୀଧର ଜେନା, କିଶୋର ଜେନା, ସୁଶାନ୍ତ ସାହୁ, ତୁଷାରକାନ୍ତ ସ୍ୱାଇଁ, ଦେବକାନ୍ତ ମିଶ୍ର, ଶତ୍ରୁଘ୍ନ ଜେନା, ବିନୋଦ ପଣ୍ଡା, ବଳରାମ ବେହେରା, ହେମନ୍ତ ଜେନା, ସୁଧାକର ରଣା, ସୁବାସ ସାହୁ, ଝୁନାରାଣୀ ମିଶ୍ର, ସ୍ନେହଲତା ଦାଶ, ସନ୍ତୋଷିନୀ ପଣ୍ଡା, ସଂଯୁକ୍ତା ପାଣିଗ୍ରାହୀ, ସାବିତ୍ରୀ ଜେନା, ଅନୁସୟା ପାଣିଗ୍ରାହୀ, ରିତା ଜେନା, ସୁଜିତା ଜେନା, କଳ୍ପନା ଜେନା, ଶୁଭଲକ୍ଷ୍ମୀ ସାମଲ ଓ ଶୁଭଦର୍ଶିନୀ ସାମଲ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଯୁବ ସଂଗଠକ ରଣଜିତ ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ଜାରକାସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ସଭାପତି କିଶାନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢୀ, କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ସମାଜସେବୀ କାହ୍ନୁ ଚରଣ ଦାଶ, ଲୋପାମୁଦ୍ରା ଷଣ୍ଢ, ଶିକ୍ଷାବିତ୍ ଯୁଧିଷ୍ଠିର ସ୍ୱାଇଁ, ଭାସ୍କର ସେଠୀ, ମହମ୍ମଦ ଅଜିଜୁଲ୍ଲା, କୃପାସିନ୍ଧୁ ସ୍ୱାଇଁ, କରୁଣାକର ବରାଳ, ନିରଂଜନ ପଣ୍ଡା ଓ କୃଷକ ନେତା ବସନ୍ତ କୁମାର ପରିଡା ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ଓ ନୀତିଆଦର୍ଶ ସଂପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସମସ୍ତ ବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୀଳମଣି ସ୍ୱାଇଁ, ଦେବାଶିଷ ପରିଡା, କାର୍ତିକ ସାହୁ, ସରୋଜ ତରାଇ, ଉଗ୍ରସେନ ମହାନ୍ତି, ଅଖିଳ ସ୍ୱାଇଁ, ନକୁଳ ଜେନା ଓ ଅମରେନ୍ଦ୍ର ସାମଲ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ବ୍ୟବସାୟୀଙ୍କ ହୃଦ୍‌ଘାତରେ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଚୋରମୁହାଁ ପଂଚାୟତ ବାଲିଗରି ଗ୍ରାମର ବ୍ୟବସାୟୀ ଶ୍ୟାମସୁନ୍ଦର ପରିଡା (୫୯)ଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବିଳାସୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ପରିଡା ଜାରକା ବଡ ବଜାରରେ ଏକ ଛାପାଖାନା (ଶ୍ରମିକ ପ୍ରେସ୍) କରିଥିବା ବେଳେ ଜଣେ ସଂଗଠନପ୍ରେମୀ ଥିଲେ। ଏହି ଖବର ପାଇ ବ୍ୟବସାୟୀ ସତ୍ୟପ୍ରିୟ ମହାନ୍ତି, ଅମରେନ୍ଦ୍ର ରାଉତ, ପିତାମ୍ବର ସାହୁ, ଗୌରାଙ୍ଗ ମହାନ୍ତି, ବାବନ ଲେଙ୍କା, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ, ନାରାୟଣ ମଲିକ, ଦୀପକ ପରିଡା, ଉଗ୍ରସେନ ମହାନ୍ତି ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ନିକଟସ୍ଥ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ସାନଭାଇ ଘନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତଃ ପରିଡାଙ୍କ ଅକାଳ ବିୟୋଗରେ ଗୋଟିଏ ଦିନ ଜାରକା ବଡବଜାର ବନ୍ଦ ରହିଥିଲା।

# ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ




ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜର ୩୨ତମ ବାର୍ଷିକ ଉତ୍ସବ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ବିଜୟା ଦଶମୀରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଉତ୍ସବକୁ ଉଦ୍‌ଘାଟନ କରି ଜୀବନ ପାଇଁ ସାହିତ୍ୟ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ସାହିତ୍ୟ ସମାଜ ସଭାପତି ଡ. ଜଗନ୍ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ କଥାକାର ନଟବର ଶତପଥୀ ମୁଖ୍ୟଅତିଥି ଓ ପ୍ରାବନ୍ଧିକ ଡ. ବେଣୁଧର ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଆ ଭାଷା ସାହିତ୍ୟ ଓ ଏହାର ସୁରକ୍ଷା ସଂପର୍କରେ ବର୍ଣ୍ଣନା କରିଥିଲେ। ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ, କାର୍ଯ୍ୟକାରୀ ସଭାପତି କାହ୍ନୁ ଚରଣ ଦାଶ ସ୍ୱାଗତ ଭାଷଣ, ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ ଓ କଣ୍ଠଶିଳ୍ପୀ ସନାତନ ଦାସ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଏହି ଅବସରରେ ଅତିଥିମାନେ ସାହିତ୍ୟ ସମାଜର ମୁଖପତ୍ର 'ଗଙ୍ଗଶିଉଳି' ପତ୍ରିକାକୁ ଉନ୍ମୋଚନ କରିଥିଲେ। ପତ୍ରିକାର ମୁଖ୍ୟ ସଂପାଦକ ଡ. ରାଜକିଶୋର ପାଢୀ ପତ୍ରିକା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁଙ୍କ 'ଗୁଡ଼ି ଗଲା ଉଡ଼ି ଉଡ଼ି', ସ୍ତମ୍ଭକାର ମନୋରଂଜନ ମହାନ୍ତିଙ୍କ 'ସଦ୍‌ଗୁରୁ ନିଗମାନନ୍ଦଙ୍କ ଦୃଷ୍ଟି ଓ ଦର୍ଶନ', ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ 'ମୋ ମାଆ ମୋ ଗାଆଁ', ଧ୍ରୁବ ଚରଣ ବିଶ୍ୱାଳଙ୍କ ତତ୍ତ୍ୱ ସଂଗ୍ରହ, ଗୋବିନ୍ଦ ଚନ୍ଦ୍ର ସାହୁଙ୍କ 'ଶ୍ରୀକ୍ଷେତ୍ର ପରିକ୍ରମା', ଡ. କଳ୍ପନା ମହାନ୍ତିଙ୍କ 'ଅରଣ୍ୟ ଅନିଷା' ଓ କବି ଗୋଲକ ଚନ୍ଦ୍ର ପଲେଇଙ୍କ ରଚିତ 'ସେବା ହିଁ ସଂପଦ' ପୁସ୍ତକ ଲୋକାର୍ପଣ ହୋଇଥିଲା। ଏଥିସହ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକଙ୍କୁ ଚଳିତ ବର୍ଷର ଧର୍ମଶାଳା ସାହିତ୍ୟ ସମାଜ ସମ୍ମାନ, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲଙ୍କୁ କୃଷକ ବାବାଜୀ ଚରଣ ନାୟକ ସ୍ମୃତି ସମ୍ମାନ, ଡ. ଲକ୍ଷ୍ମୀକା' ଖୁଣ୍ଟିଆଙ୍କୁ ବୀରକିଶୋର ପାଢୀ ଶିଶୁ ସାହିତ୍ୟ ସମ୍ମାନ, ଚିତ୍ର ଓ ହସ୍ତକଳା ଶିଳ୍ପୀ ମୋହନ ଚରଣ ସାହୁଙ୍କୁ ଭିକାରୀ ଚରଣ ସାହୁ ସ୍ମାରକୀ ପୁରସ୍କାର ଏବଂ ଓଏଏସ୍ ପାଇଥିବା ଜାରକାର କଳ୍ପିତା ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସସ୍ମିତା ଦାଶ ଓ ଯୁଧିଷ୍ଠିର ସ୍ୱାଇଁ ମାନପତ୍ର ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ସ୍ତମ୍ଭକାର ନବଘନ ଜେନା ସଭାପତିତ୍ୱ କରିଥିଲେ। କବି ଅଭିମନ୍ୟୁ ଧଳ, ଚନ୍ଦନ ପ୍ରଧାନ, ଶଶିଭୂଷଣ ଦ୍ୱାରୀ, ପ୍ରହ୍ଲାଦ ପଣ୍ଡା, ରାମଚନ୍ଦ୍ର ବେହେରା, ଅଖିଳମୋହନ ଦାଶ, ବ୍ରଜେଶ୍ୱରୀ ସିଂହ, ନୃସିଂହ ଚରଣ ମିଶ୍ର, ଯୁଗଳ କିଶୋର ଦାସ, ଅଖିଳ କୁମାର ସ୍ୱାଇଁ, ସତ୍ୟାନନ୍ଦ ପ୍ରଧାନ ଓ ରାଧାଶ୍ୟାମ ସାହୁ କବିତା ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳା ମହିଳା ବିଜେଡ଼ିର କାର୍ଯ୍ୟକାରିଣୀ ବୈଠକ



ଧର୍ମଶାଳା (ପିଏନ୍): ଧର୍ମଶାଳା ମହିଳା ବିଜେଡ଼ିର କାର୍ଯ୍ୟକାରିଣୀ ବୈଠକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ଇଣ୍ଡୋର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ସଭାନେତ୍ରୀ ରେଣୁବାଳା ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ, ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ସାଂସଦ ରୀତା ତରାଇ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲ୍ଲା ସଭାନେତ୍ରୀ ସବିତା ରାଉତ ଓ ଜିଲ୍ଲା ପର୍ଯ୍ୟବେକ୍ଷକ ଭାରତୀ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାକୁ ଆସିବା ପରେ ମହିଳାମାନେ ଘରର ଚାରିକାନ୍ଥ ଭିତରେ ଆଉ ସୀମିତ ହୋଇ ରହିନାହାଁନ୍ତି। ମହିଳା ସଶକ୍ତିକରଣ ଯୋଜନା ନାରୀମାନଙ୍କୁ ଅଧିକ ସ୍ୱାବଲମ୍ବୀ କରିପାରିଛି। ପରିବାରର ସମୃଦ୍ଧି କ୍ଷେତ୍ରରେ ମହିଳାମାନଙ୍କ ଗୁରୁତ୍ୱ ଏବେ ବୃଦ୍ଧି ପାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକ ସଭାନେତ୍ରୀ ବିଶ୍ୱବନ୍ଦନା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ନାରୀନେତ୍ରୀ ମିନତୀ ପଣ୍ଡା, କୁଳତା ପଣ୍ଡା, ବନଜିନୀ ପରିଡା, ରାଜଶ୍ରୀ ଦାଶ, ପ୍ରଭାତୀ ଦାସ, ମୋନାଲିସା ଦାଶ, ଶର୍ମିଲତା ଦାସ, ମମତା ଦଣ୍ଡପାଟ ଓ ପ୍ରଣତୀ ଲେଙ୍କା ଯୋଗଦେଇ ଧର୍ମଶାଳାର ମହିଳା ସଂଗଠନ ସଂପର୍କରେ ବର୍ଣ୍ଣନା କରିଥିଲେ। ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ବ୍ଲକ ସଭାପତି ଜଳଧର ମହାନ୍ତି, ଅରୁଣ ରାଉତ, ନିର୍ମଳ ପ୍ରଧାନ, ଯୁବ ବିଜେଡ଼ି ସଭାପତି କ୍ଷିତୀଶ ନାୟକ, ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ଗାର୍ଲସ ୱିଙ୍ଗ୍ ସଭାପତି କ୍ଷୀରାବ୍ଧି ତନୟା ମଲିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ପ୍ରାକ୍ତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ମହିଳାକର୍ମୀମାନେ ନୃତ୍ୟ, ସଂଗୀତ ଓ ନାଟକ ପରିବେଷଣ କରିଥିଲେ। ରସୁଲପୁର ବ୍ଲକ ସଭାନେତ୍ରୀ ମମତା ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଶତାଧିକ ମହିଳା ଓ ଦଳୀୟ କର୍ମୀ ଉତ୍ସବରେ ଯୋଗ ଦେଇଥିଲେ।

## ଧର୍ମଶାଳା ଅଂଚଳରେ ମା' ଦୁର୍ଗାଙ୍କ ଭସାଣ ଯାତ୍ରା ସମ୍ପନ୍ନ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ମା'ଦୁର୍ଗାଦେବୀ ଗତ ଶନିବାର ମେଲାଣି ନେଇଛନ୍ତି। ମା'ଙ୍କ ଭସାଣ ଯାତ୍ରା ଶାନ୍ତିଶୃଙ୍ଖଳା ଓ ନିରାଡମ୍ବର ଭାବେ ସଂପନ୍ନ ହୋଇଥିଲା। ଧର୍ମଶାଳା ବଜାର ସମେତ ଜାରକା, ସାରୋଇ, ଆରୁହା, କାଏମା (ସେରପୁର), ଉତରପ୍ରତାପ, ଚାନ୍ଦମୋହିନୀ, ଜଳେଶ୍ୱରପୁର, ନୀଳକଣ୍ଠପୁର (ବେହେରା ସାହି), ଗଙ୍ଗାଧରପୁର, କବାଟବନ୍ଧ, ଜେନାପୁର ଆଦି ବିଭିନ୍ନ ସ୍ଥାନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। କୋଭିଡ୍ କଟକଣା ଅନୁସାରେ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ୪ଫୁଟ୍ କରାଯାଇଥିବାବେଳେ ସାଜସଜା ନିରାଡମ୍ବର ଭାବେ ହୋଇଥିଲା। ମା'ଙ୍କ ଅଷ୍ଟମୀ ପୂଜାରେ ମଣ୍ଡପରେ ମହିଳା ମାନଙ୍କର ଅଧିକ ଗହଳି ହୋଇଥିଲା। କେତେକ ସ୍ଥାନରେ କୋଭିଡ୍ କଟକଣା ଉଲ୍ଲଂଘନ ହେଉଥିବା ଅଭିଯୋଗ ଉଠିଥିଲା। ଅଧିକାଂଶ ଶ୍ରଦ୍ଧାଳୁ ମାସ୍କ ବ୍ୟବହାର କରୁନଥିବା ଦେଖିବାକୁ ମିଳିଥିଲା। ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଜାରକା ବଜାରରେ ଦୁର୍ଗାପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଗତ ସୋମବାର ଷଷ୍ଠୀ (ବିଲ୍ୱାଧିବାସ), ମଙ୍ଗଳବାର ସପ୍ତମୀ ପୂଜା, ବୁଧବାର ଅଷ୍ଟମୀ, ଗୁରୁବାର ନବମୀ ଓ ଶୁକ୍ରବାର ଦଶହରା ପୂଜା ସଂପନ୍ନ ହୋଇଥିଲା। ପୂଜା କମିଟି ସଭାପତି ଜଳଧର ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସଂପାଦକ ସତ୍ୟପ୍ରିୟ ମହାନ୍ତି, ସହ-ସଂପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ, ସଦସ୍ୟ ଅନିରୁଦ୍ଧ ରାଉତ, ସଦସ୍ୟ ରାଜକିଶୋର ଶତପଥୀ, କିଶୋର ଚନ୍ଦ୍ର ନାୟକ, ଅଜୟ ନାୟକ, କ୍ଷୀରୋଦ ମୁଦୁଲି, ବିଚିତ୍ର ସ୍ୱାଇଁ, ସବ୍ୟସାଚୀ ବେହେରା, ଜଳଧର ସାହୁ, ନିର୍ମଳ ପ୍ରଧାନ, ଅର୍ଜୁନ ସାହୁ, ପ୍ରଫୁଲ୍ଲ ସାହାଣି, ପ୍ରତାପ ପ୍ରଧାନ, ମାନସ ମହାନ୍ତି, ମନୋଜ ଦାସ, ସୁଦାମ ବେହେରା, ଧନେଶ୍ୱର ସାହୁ, କାଶିନାଥ ସାହୁ, ଆକୁଳି ସ୍ୱାଇଁ, ଅଶୋକ ସାହୁ, ରବିନାରାୟଣ ସାହୁ, ଗଗନ ବରାଳ, ଆନନ୍ଦ ପଲେଇ, ଅନନ୍ତ ପ୍ରଧାନ ଓ ଧରଣୀଧର ମହାନ୍ତି ଉତ୍ସବ ପରିଚାଳନା କରିଥିଲେ।

## ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବିଜେଡିର ଏକ ମିଶ୍ରଣ ପର୍ବ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ଇଣ୍ଡୋର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଅଭୟପୁର ପଞ୍ଚାୟତର ଶତାଧିକ କଂଗ୍ରେସ ଏବଂ ବିଜେପି କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନବାଗତ କର୍ମୀମାନଙ୍କୁ ବିଜେଡି ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ପୂର୍ବତନ ସରପଞ୍ଚ ଅନନ୍ତ ଚରଣ ପ୍ରଧାନ ଓ କିଶୋରୀ ପ୍ରଧାନଙ୍କ ସମେତ ବନମାଳୀ ରାଉତ, ବଳରାମ ଶତପଥୀ, ରବିନ୍ଦ୍ର ଖଟୁଆ, ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଜୟୀରାମ ସେଠୀ, ପ୍ରଭାତ ସେଠୀ, ଦମୟନ୍ତୀ ରାଉତ, କମଳି ଦେଇ, ବାବନ ଚରଣ ରାଉତ, ଭରତ ଲେଙ୍କା, ବ୍ରହ୍ମାନନ୍ଦ ସାହୁ, ପ୍ରକାଶ ଲେଙ୍କା, ରମେଶ ବେହେରା, ରବିନ୍ଦ୍ର ନାୟକ, ଜଳଧର ମହାଁ, ବିରେନ୍ ପଣ୍ଡା, ଗୋବିନ୍ଦ ରାଉତ, କେଦାର ରାଉତ ପ୍ରମୁଖ ବିଭିନ୍ନ ଦଳ ଛାଡି ବିଜେଡିରେ ଯୋଗଦେବା ପରେ ଦଳ ଅଧିକ ମଜବୁତ ହେଲା ବୋଲି ସରପଂଚ ଶ୍ୟାମସୁନ୍ଦର ସାହୁ କହିଥିଲେ। ପଂଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ ସଭାପତି ଜଳଧର ମହାନ୍ତି, ୧୪ନମ୍ବର ଜୋନ୍ ବିଜେଡି ସଂଯୋଜକ ମଦନମୋହନ ନାୟକ, ବ୍ଲକ ଯୁବ ସଭାପତି କ୍ଷିତୀଶ ନାୟକ, ବ୍ଲକ ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ବିଜେଡି ନେତା ନିର୍ମଳ ପ୍ରଧାନ, ଅମରେନ୍ଦ୍ର ରାୟ, ଯୁବନେତା ପ୍ରତାପ କୁମାର ପ୍ରଧାନ ଓ ବିଜୟ ରାଉତ ପ୍ରମୁଖ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ।

## ୮ଟି ନୂତନ ପ୍ରକଳ୍ପ ଉଦ୍‌ଘାଟିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ଓ ଦେଓଦା ପଞ୍ଚାୟତରେ ନବନିର୍ମିତ ୮ଟି ନୂତନ ପ୍ରକଳ୍ପ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉତ୍ତରପ୍ରତାପ ପଞ୍ଚାୟତ କାର୍ଯ୍ୟାଳୟ ପାଚେରି ଓ ଫାଟକ, ୭ଲକ୍ଷ ଟଙ୍କାର ନହଙ୍ଗାପାଟଣା ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ, ୧୧ଲକ୍ଷ ଟଙ୍କାର ଚାନ୍ଦମୋହିନୀ ସ୍କୁଲ ପାଚେରି ଓ ଫାଟକ, ୧୦ଲକ୍ଷ ଟଙ୍କାର ଦେଓଦା ହାଇସ୍କୁଲର ନୂତନ ଶ୍ରେଣୀଗୃହ, ୮ଲକ୍ଷ ଟଙ୍କାର ଆମ ଗାଁ ଆମ ବିକାଶ ଗୃହ, ୪ଲକ୍ଷ ଟଙ୍କାର ମାଝିପାଟଣା ଗାଁ ମିଶନ ଶକ୍ତି ଗୃହ, ୭ଲକ୍ଷ ଟଙ୍କାର ବାସୁଦେବପୁର ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ଏବଂ ୭ଲକ୍ଷ ଟଙ୍କା ବ୍ୟୟରେ ସେରପୁର ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ନିର୍ମିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ଉତ୍ତରପ୍ରତାପ ସମିତିସଭ୍ୟ ଜଳଧର ସାହୁ, ସରପଞ୍ଚ ସସ୍ମିତା ବେହେରା, ଦେଓଦା ସରପଞ୍ଚ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ସମିତି ସଭ୍ୟା ନିର୍ମଳା ସାହୁ, ବିଜେଡି ନେତା ବିକାଶ ରଂଜନ ବେହେରା, ପିତାମ୍ବର ନାୟକ, ସୁଧାଂଶୁ ସାହୁ, ନିତ୍ୟାନନ୍ଦ ମହାନ୍ତି, କ୍ଷୀତିଶ ନାୟକ, ନିର୍ମଳ ପ୍ରଧାନ, ଭାଗ୍ୟଧର ସେଠୀ ଓ ଯୁବନେତା ଗୌତମ ସାହୁ ଯୋଗ ଦେଇଥିଲେ।

## ବ୍ୟବସାୟୀ ଅକ୍ରୁର ବିଶ୍ୱାଳଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ବଜାରର ଜଣାଶୁଣା ବ୍ୟବସାୟୀ ତଥା କଂଗ୍ରେସ ନେତା ଅକ୍ରୁର ଚରଣ ବିଶ୍ୱାଳ (୭୮)ଙ୍କର ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ହୋଇ ବାଲେଶ୍ୱରସ୍ଥିତ ବଡପୁଅ ତରୁଣ ବିଶ୍ୱାଳଙ୍କ ବାସଭବନରେ ରହୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ହେମଲତା, ବୋହୂ, ସାନପୁଅ ପ୍ରଭାତ, ଝିଅ କୌଶଲ୍ୟା, ମମତା, ଅନିତା, ସୁନିତା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମରଶରୀର ଜାରକାସ୍ଥିତ ବାସଭବନରେ ପହଁଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ୱର୍ଗତ ବିଶ୍ୱାଳ ଜାରକା ମେନ୍ ମାର୍କେଟ୍ ବଣିକ ସଂଘର ପୂର୍ବତନ ସଭାପତି, ଜାରକା ବଜାର ପୂଜା କମିଟିର କୋଷାଧ୍ୟକ୍ଷ ଓ ଜାରକା ପଂଚାୟତ କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ସେ ଜଣେ ପରୋପକାରୀ, ଧର୍ମପରାୟଣ ଓ ସଂଗଠନପ୍ରେମୀ ଥିଲେ। ତାଙ୍କ ବିୟୋଗ ଖବର ପାଇ ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା, ବ୍ଲକ ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, କଂଗ୍ରେସ ନେତା ବସନ୍ତ କୁମାର ପରିଡା, ଯୁବନେତା ଉଗ୍ରସେନ ମହାନ୍ତି, ସାହିତ୍ୟିକ ଧ୍ରୁବ ଚରଣ ବିଶ୍ୱାଳ, ଶିକ୍ଷାବିତ୍ ନାରାୟଣ ବିଶ୍ୱାଳ, ଅଶୋକ କୁମାର ସ୍ୱାଇଁ, ସୁଶା' କୁମାର ଜେନା, କିଶୋର କୁମାର ମହାନ୍ତି, ଆର୍‌ଆଇ ରଂଜନ କୁମାର ବିଶ୍ୱାଳଙ୍କ ସମେତ ବହୁ ବ୍ୟବସାୟୀ ଓ କଂଗ୍ରେସ ନେତା ସ୍ୱର୍ଗତ ବିଶ୍ୱାଳଙ୍କ ଶେଷଦର୍ଶନ କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଜାରକା ବଜାର ଓ ଜନ୍ମସ୍ଥାନ ଚୋରମୁହାଁ ପଂଚାୟତ ନାଉପାଳ ଗାଁ ପରିକ୍ରମା କରାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ବଡପୁଅ ତରୁଣ ମୁଖାଗ୍ନି ଦେଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜୀବନ ଯୁଦ୍ଧରେ ହାରି ଗଲେ ଉପ-ବାଚସ୍ପତି ପ୍ରହ୍ଲାଦ ଦୋରା

ମାଲକାନଗିରି,(ପି.ଏନ): ପୂର୍ବତନ ଉପ-ବାଚସ୍ପତି ପ୍ରହ୍ଲାଦ ଦୋରା ମୁମୂର୍ଷୁ ଅବସ୍ଥାରେ ଗତ ତା:୧୦.୮.୨୦୨୧ ରୁ ଭୁବନେଶ୍ୱର ଏମ୍ସ ହସପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇ ଆସୁଥିବା ବେଳେ ଆଜି ସନ୍ଧ୍ୟା ୫ଟା ସମୟରେ ସେ ଜୀବନ ଯୁଦ୍ଧରେ ହାରିଗଲେ ଓ ତାଙ୍କ ପେଟରେ ଏକ ଟ୍ୟୁମର ବାହାରି ଥିବା ବେଳେ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିଲେ । ସେ କୌଣସି ଖାଦ୍ୟ ଗ୍ରହଣ କରି ପାରୁନଥିଲେ। ତାଙ୍କୁ କିଛି ଦିନ ପରେ ଡାକ୍ତରମାନେ ଅପରେସନ କରିବେ ବୋଲି କହିଥିଲେ ମଧ୍ୟ ଉକ୍ତ ଟ୍ୟୁମରକୁ ଅସ୍ତ୍ରୋପଚାର କରିନଥିଲେ । ସେ ୨ ମାସ ୨୦ ଦିନ ହସପିଟାଲରେ ଶଯ୍ୟାଶାୟୀ ଥିଲେ ଓତାଙ୍କ ଦେହାନ୍ତ ଖବର ଶୁଣିଲା ପରେ ସମଗ୍ର ମାଲକାନଗିରି ଜିଲ୍ଲାରେ ଶୋକର ଛାୟାଖେଳି ଯାଇଛି ଓ ସ୍ୱର୍ଗତ ପ୍ରହ୍ଲାଦ ଦୋରା ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ମାଥିଲି ବ୍ଲକର ପାଙ୍ଗାମ ଗ୍ରାମରେ ୧୮ ସେପ୍ଟେମ୍ବର ୧୯୪୬ ମସିହାରେ ଏକ ଆଦିବାସୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ବିଏ ଏଲଏଲବି ପାଶ କଲା ପରେ ଓକିଲାତି ପେଶାକୁ ଆପଣେଇଥିଲେ । ୧୯୭୧ ମସିହାରେ ଶ୍ରୀ ଦୋରା ଉତ୍କଳ କଂଗ୍ରେସରେ ଯୋଗ ଦେଇ ମାଲକାନଗିରି ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥି ଭାବେ ନିର୍ବାଚନ ଲଢିଥିଲେ । ୧୯୭୭ ମସିହାରେ ଚିତ୍ରକୋଣ୍ଡା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ବିଜୁପଟ୍ଟନାୟକଙ୍କ ଜନତା ଦଳରୁ ଟିକେଟ ପାଇ ବିଜୟ ଲାଭ କରିଥିଲେ । ସେ ୧୯୯୦ରେ ପୁନଶ୍ଚ ଜନତା ଦଳରୁ ବିଜୟ ଲାଭ କରିଥିଲା ବେଳେ ୨୦୦୪ରେ ବିଜେଡି ଟିକେଟରେ ଚିତ୍ରକୋଣ୍ଡାରୁ ବିଧାୟକ ଭାବେ ଜୟଯୁକ୍ତ ହୋଇଥିଲେ । ଉପ-ବାଚସ୍ପତି ଭାବେ ୨୦.୦୩.୧୯୯୦ ରୁ ୧୫.୦୩.୧୯୯୫ ଏବଂ ୦୩.୦୭.୨୦୦୪ ରୁ ୦୩.୦୭.୨୦୦୯ ପର୍ଯ୍ୟନ୍ତ ରହିଥିଲେ ।ଶ୍ରୀ ଦୋରା ବିଜୁବାବୁଙ୍କ ମୁଖ୍ୟ ମନ୍ତ୍ରୀତ୍ୱ କାଳରେ ଏବଂ



ନବୀନବାବୁଙ୍କ ମୁଖ୍ୟ ମନ୍ତ୍ରୀତ୍ୱ କାଳରେ ଦୁଇ ଥର ଲେଖାଏଁ ଉପ-ବାଚସ୍ପତି ହେବାର ସୌଭାଗ୍ୟ ଅର୍ଜ୍ଜନ କରିଥିଲେ । ଶ୍ରୀ ଦୋରା ଜଣେ ସଚ୍ଚା ବିଜୁ ପ୍ରେମୀ ଅଟନ୍ତି । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଦାସର୍ବଦା ନିର୍ଭିକ ଏବଂ ସଚ୍ଚୋଟ ସ୍ୱଭାବକୁ ଅଦ୍ୟାବଧି ଅକ୍ଷୁର୍ଣ୍ଣ ରଖିଛନ୍ତି ।କିଏ ଧନ ପଛରେ ଗୋଡାଏତ କିଏ ଜ୍ଞାନ ପଛରେ ଗୋଡାଏ । କିନ୍ତୁ ଶ୍ରୀ ଦୋରା ସମଗ୍ର ଜୀବନ ଜ୍ଞାନ ପିପାସୁ ଅଟନ୍ତି ।ଖବର କାଗଜ,ମେଗାଜିନ ପଢିବା ତାଙ୍କର ଅଭିରୁଚି । ସେ ଜଣେ ସାହିତ୍ୟପ୍ରେମୀ ଏବଂ ସୁବକ୍ତା ମଧ୍ୟ । ମାଲକାନଗିରି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଲାଗି ସର୍ବଦା ସଂଘର୍ଷ କରିଆସିଛନ୍ତି । ସେ ଜଣେ ବିଜ୍ଞ ବ୍ୟକ୍ତି ହେତୁ ମାଲକାନଗିରି ଜିଲ୍ଲାର ଶିକ୍ଷାର ବିକାଶ ଲାଗି ତତ୍ପରତା ଦେଖାଇ ନିଜ ଉଦ୍ୟମରେ ପାଙ୍ଗାମ ଠାରେ ହାତୀ ରାମ ଗୁରୁ ଉଚ୍ଚ ବିଦ୍ୟାଳୟ ଏବଂ ଗୋବିନ୍ଦ ପାଲ୍ଲୀ ଠାରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ବିଭିନ୍ନ ପଞ୍ଚାୟକ ଏବଂ ବ୍ଲକଗୁଡିକରେ ସ୍କୁଲ କଲେଜ ପ୍ରତିଷ୍ଠା ଲାଗି ରାଜ୍ୟ ସରକାରଙ୍କୁ ଚାପପ୍ରୟୋଗ କରି କାର୍ଯ୍ୟ କରିବାରେ ସିଦ୍ଧହସ୍ତ ଥିଲେ । ମାଲକାନଗିରିକୁ ସବ-ଡିଭିଜନରୁ ଜିଲ୍ଲାର ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କୁ ଦାବି ଉପସ୍ଥାପନ କରିବାରେ ଶ୍ରୀ ଦୋରାଙ୍କ ମୁଖ୍ୟ ଭୂମିକା ରହିଛି,ଯାହାକି ମାଲକାନଗିରି ଇତିହାସରେ ଏକ କର୍ତ୍ତବ୍ୟନିଷ୍ଠ ନେତା ଭାବେ ପ୍ରହ୍ଲାଦ ଦୋରାଙ୍କ କୀର୍ତ୍ତି ରାଜି ଜନମାନସରେ ଚିରଦିନ ପାଇଁ ଜାଜୁଲ୍ୟମାନ ରହିବେ ।ତାଙ୍କ ହୃଦୟରେ ଗରିବ,ଆଦିବାସୀ, ଦଳିତମାନଙ୍କ ଉତ୍ଥାନ ପାଇଁ ଅହରହ ଆନ୍ଦୋଳିତ ହେଉଥିବା ସମସ୍ତ ମାଲକାନଗିରିବାସୀ ଜାଣନ୍ତି । ଜନତାଙ୍କ ନ୍ୟାଯ୍ୟ ଦାବି ପାଇଁ ଦଳମତ ନିର୍ବିଶେଷରେ ଖୋଜା ପଡେ ସେହି ମହାନୁଭବ ପ୍ରହ୍ଲାଦ ଦୋରଙ୍କୁ । ପ୍ରଶାସନ ଅଧିକାରୀମାନଙ୍କ ଠାରୁ କିପରି ଜନସାଧରଣଙ୍କୁ ସେବା ଯୋଗାଇ ଦେବେ,ସେ ସେଥି ପାଇଁ ପ୍ରତି ମୂହିର୍ତ୍ତରେ ଅଣ୍ଟାଭିଡନ୍ତି ବିନା ସ୍ୱାର୍ଥରେ। ଆଜିତ ସବୁଠି ସ୍ୱର୍ଥ ଜଡିତ,ଦୁର୍ନୀତିଗ୍ରସ୍ତ ନେତା ମାଳମାଳ,ମାତ୍ର ଏମିତି ହୃଦୟ ନିର୍ମଳ ତଥା ପରୋପକାରୀ ନେତା ଆଜିକାଲିକା ସମୟରେ ମିଳିବା ଦୁଷ୍ପ୍ରାପ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।ସେ ମାଲକାନଗିରି ଜିଲ୍ଲାର ଗର୍ବ ଏବଂ ଗୌରବ ।ଆଜି ତାଙ୍କର ପରଲୋକଗତ ଖବର ପ୍ରଚାର ହେବା ପରେ ମାଲକାନଗିରି ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି।


S.R.D.DEGREE COLLEGE
AT/PO- Garhbanikilo, Ranpur, Dist- Nayagarh

WALK-IN-INTERVIEW

Interested candidates securing 55% of marks at P.G level along with all testimonials may attend interview for the post of Lecturer in Sociology on purely contractual basis on 2.11.2021 from 10 A.M to 2 P.M at college premises.

Sd/Principal(I/c)-cum-Secy.
Phone No.-
9937183816,
6372588472


# କେନ୍ଦ୍ର ଖଣି ସଚିବ ଶ୍ରୀ ଆଲୋକ ଟଣ୍ଡନ, ଆଇ.ଏ.ଏସ୍, ଙ୍କ ଦ୍ୱାରା ଅନୁଗୋଳସ୍ଥିତ ନାଲକୋର ଲିନ୍ ସ୍ଲରି ପ୍ରକଳ୍ପ ଉଦ୍‌ଘାଟିତ




ଅନୁଗୋଳ/ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ଖଣି ସଚିବ, ଶ୍ରୀ ଆଲୋକ ଟଣ୍ଡନ୍, ଆଇଏଏସ୍, ଆଜି ଅନୁଗୋଳଠାରେ ରାଷ୍ଟ୍ରାୟତ୍ତ ନବରତ୍ନ କମ୍ପାନୀ ନାଲକୋର ଲିନ୍ ସ୍ଲରି ପ୍ରକଳ୍ପକୁ ଉଦଘାଟନ କରିଛନ୍ତି । ନାଲକୋର ବ୍ୟବସାୟିକ ସଫଳତା ତଥା ପରିବେଶ ପରିଚାଳନା ଏବଂ ଉତ୍ତମ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ । ନାଲକୋର ଏହି ଲିନ୍ ସ୍ଲରି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା କମ୍ପାନୀର ନିଜସ୍ୱ ବିଦ୍ୟୁତ୍ ପ୍ରକଳ୍ପର ପାଉଁଶର ଶତ ପ୍ରତିଶତ ବିନିଯୋଗ ହୋଇପାରିବ । ଏହା ପରିବେଶ ଅନୁକୂଳ ବାତାବରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ତଥା ନାଲକୋର ନିଜସ୍ୱ ବିଦ୍ୟୁତ୍ ପ୍ରକଳ୍ପର ସୁପରିଚାଳନା ପାଇଁ ସହାୟକ ହୋଇପାରିବ ।ଏଠାରେ ଉଲ୍ଲେଖନୀୟ ଯେ ଆଜି କେନ୍ଦ୍ର ଖଣି ସଚିବ ଶ୍ରୀ ଆଲୋକ ଟଣ୍ଡନ୍, ନାଲକୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶ୍ରୀଧର ପାତ୍ରଙ୍କ ସହିତ ଅନୁଗୋଳଠାରେ ଅବସ୍ଥିତ ନାଲକୋର ସ୍ମେଲଟର ଏବଂ ନିଜସ୍ୱ ବିଦ୍ୟୁତ୍ ପ୍ରକଳ୍ପ ଗସ୍ତ କରିବା ସହ ଚଳିତ ଆର୍ଥିକ ବର୍ଷର ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ଉତ୍ପାଦନର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ସହ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଥିବାରୁ ନାଲକୋର ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ଅବସରରେ କେନ୍ଦ୍ର ଖଣି ସଚିବ ନାଲକୋର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହ ମଧ ଆଲୋଚନା କରିଥିଲେ ଏବଂ ଉନ୍ନତ ଉତ୍ପାଦନ ଓ ଉତ୍ପାଦକତାର ପରମ୍ପରାକୁ ବଜାୟ ରଖିବାପାଇଁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଆଦିବାସୀଙ୍କ ସ୍ୱାର୍ଥ ପାଇଁ ମୁହଁ ଖୋଲିଲେ,ବେଇଜ୍ଜତ କରୁଛନ୍ତି ରାଜ୍ୟ ସରକାର: ସମୀର ମହାନ୍ତି

ଭୁବନେଶ୍ୱର, (ପି.ଏନ): 'ଆଦିବାସୀଙ୍କ ସ୍ୱାର୍ଥ ପାଇଁ ମୁହଁ ଖୋଲିଲେ, ବେଇଜ୍ଜତ କରୁଛନ୍ତି ରାଜ୍ୟ ସରକାର' ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କ୍ଷୋଭ ପ୍ରକାଶ କରି କହିଛନ୍ତି । ୨୦୨୦ ମସିହାରେ ଓଡିଶାରେ ଅନୁସୁଚିତ ଜନଜାତିଙ୍କ ବିରୋଧରେ ଅପରାଧ ମାମଲା ୬୨୪ଟି ରୁଜୁ ହେବା ସହ ଏହା ଦେଶରେ ଚତୁର୍ଥ ସର୍ବାଧିକ ରାଜ୍ୟ ଥିଲା । ନିଜ ନ୍ୟାର୍ଯ୍ୟ ହକ୍ ପାଇଁ ଦାବୀ ଜଣାଇଲେ ରାଜ୍ୟରେ ଅନୁସୁଚିତ ଜାତି ଓ ଜନଜାତି ବର୍ଗ ଲୋକଙ୍କୁ ଧମକ ଦିଆଯାଉଛି । ଦଳିତ ବିରୋଧୀ ମାମଲାରେ ଓଡିଶାରେ ଦଣ୍ଡବିଧାନ ହାର ଅତ୍ୟନ୍ତ ନଗଣ୍ୟ । ଅଧିକାଂଶ ମାମଲାରେ ଚାର୍ଜସିଟ୍ ମଧ ଦାଖଲ କରାଯାଉନାହିଁ । ଅନୁସୁଚିତ ଜନଜାତି ବର୍ଗର ହୋଇଥିବା କାରଣରୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଓ ପ୍ରଶାସନ ତତ୍ପରତାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ସେହିପରି ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ସରକାରୀ ବାବୁ ଏବଂ କର୍ମଚାରୀଙ୍କ ଜରିଆରେ ଆଦିବାସୀ ବର୍ଗକୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ରମନ୍ତ୍ରୀଙ୍କୁ ବେଇଜ୍ଜତ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟର ଜନଜାତିବହୁଳ ଜିଲ୍ଲାଗୁଡିକର ସଂସ୍କୃତି, ଐତିହ୍ୟ ଓ ପରଂପରାର ସଂରକ୍ଷଣ, ପ୍ରଜାତିକ ପରିଚିତର ସ୍ଥିତାବସ୍ଥା ବଜାୟ ରଖିବା ସହିତ ବିଭିନ୍ନ ବିକାଶମୁଳକ କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାର ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିଏ) ଗଠନ କରିଥିଲେ । ମାତ୍ର ନିର୍ବାଚନ ପରେ ସ୍ଥାଣୁ ହୋଇଯାଇଛି ଏହି ପରିଷଦ । ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ବର୍ତମାନ ଅନେକ ଆଦିବାସୀ ଭାଷା ବିଲୁପ୍ତ ହେବାକୁ ବସିଲାଣି । ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ 'ଟ୍ରାଇବାଲ ଆଡଭାଇଜରୀ କମିଟି (ଟିଏସି)' ବୈଠକ ବସୁନାହିଁ। ରାଜ୍ୟ ସରକାର ବିଭିନ୍ନ ଆଇନ ପ୍ରଣୟନ କରି ଆଦିବାସୀଙ୍କ ଅଧିକାରକୁ ଛଡେଇ ନେଇଛନ୍ତି । ଆଦିବାସୀଙ୍କୁ ଦୀର୍ଘ ବର୍ଷ ଧରି ଜମି ପଟ୍ଟା ଦିଆଯାଉନାହିଁ । ରାଜ୍ୟ ସରକାର ବର୍ତମାନ ସୁଦ୍ଧା ପେସା ଆଇନ କାର୍ଯ୍ୟକାରିତାକୁ ନେଇ କୌଣସି ତତ୍ପରତା ପ୍ରକାଶ ନକରିବା ଆଦିବାସୀ ବିରୋଧୀ ନୀତିକୁ ସ୍ପଷ୍ଟ କରିଛି । ଏ ସମସ୍ତ ପ୍ରସଙ୍ଗକୁ ନେଇ ବିଜେପି ଆଦିବାସୀ ସମାଜ ପାଖକୁ ଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ଏହି ଅବସରରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ଜୟନ୍ତ ଷଡଙ୍ଗୀ ଓ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଉପ ସଭାପତି ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସଂପାଦକ ରବି ନାଏକ ଏବଂ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର ଦାବିରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର, (ପି.ଏନ): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନସାଇନ୍ ପବ୍ଲିକ୍ ସ୍କୁଲ ଅଧକ୍ଷା ମମିତା ମେହେର ଦୀର୍ଘ ୧୧ ଦିନ ଧରି ନିଖୋଜ ରହିବା ପରେ ଆଜି ମାଟି ତଳୁ ମୃତଦେହ ଉଦ୍ଧାର ହେବା ଘଟଣାରେଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ବିଜେପି ଦାବି କରିଛି । ଏହି ଦାବି ନେଇ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଉକ୍ତ ସ୍କୁଲର ସଂଚାଳକ ଗୋବିନ୍ଦ ସାହୁଙ୍କ ସହ ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କ ଘନିଷ୍ଠତା କାରଣରୁ ତଦନ୍ତ ପ୍ରକ୍ରିୟାକୁ ବିଭ୍ରାନ୍ତ କରାଯିବାର ହୀନ ଷଡଯନ୍ତ୍ର ରଚାଯାଉଛି । ବଲାଙ୍ଗୀର, କଳାହାଣ୍ଡି ଏବଂ ନୂଆପଡା ପୋଲିସ ମିଳିତ ଭାବେ ମୁଖ୍ୟ ଅଭିଯୁକ୍ତ ଶ୍ରୀ ସାହୁଙ୍କୁ ଗିରଫ କରିବା ଏବଂ ପରେ ଥାନାରୁ ଶ୍ରୀ ସାହୁ ଖସି ପଳାଇବା ସମସ୍ତଙ୍କୁ ଆଚମ୍ବିତ କରିଛି । 'ମାଁ କୁ ସମ୍ମାନ'ର ନାରା ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି କ୍ଷମତାର ଅପବ୍ୟବହାର କରୁଥିବା ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ତୁରନ୍ତ ନିଜ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱୀନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱରେ ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# କନ୍ଧମାଳ ମିଡିଆ ଫୋରମ ତରଫରୁ ଅନାଥ ପିଲାଙ୍କୁ ସହାୟତା



ଫୁଲବାଣୀ,(ପି.ଏନ): ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସମସ୍ତେ ନୂଆ ପୋଷାକ ପିନ୍ଧି ମୌଜ ମସ୍ତିରେ ମସଗୁଲ ଥିଲାବେଳେ ଜିରିଂଗପଡ଼ା ସ୍ଥିତ ତିନି ଅନାଥ ପିଲାଙ୍କୁ ସାମାନ୍ୟ ଖୁସି କରାଇବା ପାଇଁ କନ୍ଧମାଳ ମିଡିଆ ଫୋରମ ତରଫରୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସହ ଶିକ୍ଷା ଉପକରଣ ପ୍ରଦାନ କରାଯାଇଛି ।ଯଥା ଚାଉଳ ଏକ ପ୍ୟାକେଟ,ଡାଲି,ଅଟା,ବିସ୍କୁଟ,ସ୍କୁଲ ବ୍ୟାଗ, ବହି, ଖାତା,ପେନ, ପେନସିଲ,ରବର,ଟୋପି,ଚଦର,ଗେଞ୍ଜେଇ, ସାବୁନ ସହିତ ଅନ୍ୟାନ୍ୟ ଜିନିଷ ସହାୟତା ପ୍ରଦାନ କରାଯାଇଥିଲା । ଯଦିବା ଏହ ସମୁଦ୍ରକୁ ସଙ୍ଖେ ସଦୃଶ ତଥାପି କିଛିଦିନର ଚଳିବା ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ମିଡିଆ ଫୋରମର ଉପସଭାପତି ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ସମ୍ପାଦକ ସୂର୍ଯ୍ୟ ନାରାୟଣ ବେହେରା,ସହ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ,କୋଷାଧ୍ୟକ୍ଷ ଶିବ ବିଶ୍ୱାଳ,କାର୍ଯ୍ୟକାରୀ ସଦସ୍ୟ ବୈଦନାଥ ନାୟକ ପ୍ରମୁଖ ସୋହଯୋଗ କରିଥିବାବେଳେ ।ଫୋରମର ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ସଂୋଷ କୁମାର ଦିଗାଲ,ଶିବାନନ୍ଦ ପଟ୍ଟନାୟକ ଓ ସତ୍ୟ ନାରାୟଣ ବେହେରା ପ୍ରମୁଖ କିଛି କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଫୋରମର ସଦସ୍ୟ ଶିବ ନାୟକ,ସାମ୍ବାଦିକ ସଂୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ଅନାଥଙ୍କ ସମ୍ପର୍କୀୟ ଓ ସାଇ ପୋଡଶୀ କନ୍ଧମାଳ ମିଡିଆ ଫୋରମକୁ ଧନ୍ୟବାଦ ଅର୍ପଣ କରିଛିଂ । ଆଗାମୀ ଦିନରେ ଅନ୍ୟାନ୍ୟ କ୍ଷେତ୍ରରେ ଫୋରମ ତରଫରୁ ସାହାଯ୍ୟ କରାଯିବାକୁ ଉପଦେଷ୍ଟାମାନେ କହିଥିଲେ । ଏଥି ସହିତ ସେହି ଅନାଥ ପିଲାମାନଙ୍କୁ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସହାୟତା କରିବା ପାଇଁ କନ୍ଧମାଳ ମିଡିଆ ଫୋରମ ତରଫରୁ ଡିସିପିଓ ରଶ୍ମିତା କରନଙ୍କୁ ଅନୁରୋଧ କରାଯିବା ସହ ଅନ୍ୟନ୍ୟ ସୁବିଧା ସୁଯୋଗ ଯୋଗାଇଦେବାକୁ ଶିବାନନ୍ଦ ପଟ୍ଟନାୟକ ପ୍ରକାଶ କରିଥିଲେ । ସୁଚାନା ଯୋଗ୍ୟଯେ ଅନାଥ ପିଲାଙ୍କ ମାଆ ୪/୧୨/୨୧ରେ ଖଜୁରୀପଡା ରାସ୍ତାରେ ନିଶ୍ୱାସ କଲେଜ ନିକଟରେ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ । ଏବେ ବାପା ରାମଜୁ ନାୟକ ମଧ ଆରପାରିକୁ ଚାଲିଗଲେ ।

# ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ମହିଳା ମୋର୍ଚ୍ଚା ପ୍ରତିନିଧି ଦଳର ବଲାଙ୍ଗୀର ଓ କଳାହାଣ୍ଡି ଗସ୍ତ

ଭୁବନେଶ୍ୱର, (ପି.ଏନ): ବହୁଚର୍ଚ୍ଚିତ ସନସାଇନ ସ୍କୁଲ ଅଧକ୍ଷା ମମିତା ମେହେର ପ୍ରଥମେ ନିଖୋଜ ହେବା ଏବଂ ଦୀର୍ଘ ୧୧ ଦିନ ପରେ ମାଟି ତଳୁ ମୃତ ଦେହ ଉଦ୍ଧାର ହେବା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ପଦାରେ ପକାଇଛି । ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହୋଇ ହାଜତରେ ଥିଲା ବେଳେ ସେଠୁରୁ ଖସିଯିବା ବହୁତ ସନ୍ଦେହ ସୃଷ୍ଟି କରିଛି । ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଗୋବିନ୍ଦ ସାହୁଙ୍କ ସହିତ ଉତମ ସମ୍ପର୍କ ଏବଂ ଏହି ଘଟଣା ପଛରେ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ରହିଥିବା କଥା ମଧ୍ୟ ଚର୍ଚ୍ଚାକୁ ଆସିଛି । ଏ ସମସ୍ତ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ୫ ଜଣିଆ ରାଜ୍ୟ ପ୍ରତିନିଧି ଦଳ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲା ଗସ୍ତ କରିଛନ୍ତି । ଏହି ପ୍ରତିନିଧି ଦଳରେ ମହିଳା ମୋର୍ଚ୍ଚାର ଉପ ସଭାନେତ୍ରୀ ନିରୋଜ୍ ନଳିନୀ ମାହଲିକ, କସ୍ତୁରୀ ମିଶ୍ର, ରାଜ୍ୟ ସମ୍ପାଦିକା ଇତିଶ୍ରୀ ଜେନା, ସୁଚରିତା ଜେନାମଣି ପ୍ରମୁଖ ସାମିଲ ଅଛନ୍ତି । ଏହି ପ୍ରତିନିଧି ଦଳ ମମିତାଙ୍କ ପରିବାରଙ୍କୁ ଭେଟି ଘଟଣା ସଂପର୍କରେ ବିସ୍ତୃତ ଆଲୋଚନା କରିବା ସହ ତଦନ୍ତ ପ୍ରସଙ୍ଗରେ ସ୍ଥାନୀୟ ପୋଲିସ ଓ ପ୍ରଶାସନ ସହ ଆଲୋଚନା କରିବେ ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଖେଳ







## କ୍ୟାନନ ଇଣ୍ଡିଆ ମହାମାରୀ ପୂର୍ବର ବିକ୍ରି ସ୍ତରକୁ ପହଂଚିବାକୁ ଆଶାବାଦୀ



ଭୁବନେଶ୍ୱର, (ପି.ଏନ): ଗ୍ରାହକ ମାନଙ୍କର ଚାହିଦା ଏବଂ ଗ୍ରାହକମାନଙ୍କ ଉତ୍ସାହକୁ ପୂରଣ କରିବାର ପ୍ରତିଶ୍ରୁତି ସହିତ ଭାରତର ଏକ ଅଗ୍ରଣୀ ଡିଜିଟାଲ ଇମାଜିଂ କମ୍ପାନୀ କ୍ୟାନନ ପକ୍ଷରୁ ୨୦୨୧ରେ ସ୍ଥିର ଗତିର ପରିଚାଳନା କରାଯାଇଛି । ବିଭିନ୍ନ ଉତ୍ପାଦ ବିଭାଗରେ ବିକ୍ରି ହେତୁ ସମ୍ମାନିତ ହେବା ପରେ କ୍ୟାନନ ଇଣ୍ଡିଆ ପକ୍ଷରୁ ୨୦୧୯ ତଥା ମହାମାରୀ ପୂର୍ବର ସ୍ତର ସହିତ ଖାପଖୁଆଇବା ପାଇଁ ଆଶା କରାଯାଉଛି । କ୍ୟାନନ ଇଣ୍ଡିଆ ପାଇଁ ଭାରତ ଉଚ୍ଚ-ପ୍ରାଥମିକତା ବିଶିଷ୍ଟ ବୃଦ୍ଧି ବଜାର ହେବା ସହିତ, ବ୍ରାଣ୍ଡ ପକ୍ଷରୁ ଗ୍ରାହକମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଭାରତ ଉଦ୍ଦିଷ୍ଟ ବ୍ୟବସାୟ ସମାଧାନ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ବଜାର ମହାମାରୀ ପରେ ଖୋଲିବା ପରେ ମଧ୍ୟ କମ୍ପାନୀ ପକ୍ଷରୁ ବର୍ତମାନ ବହୁ ବିଭାଗ ସହିତ ସିନେମା କ୍ୟାମେରା ଏବଂ ଘରୋଇ ପ୍ରିଟିଙ୍ଗ ସମାଧାନରେ ସକରାତ୍ମକ ଚାହିଦାକୁ ପୂରଣ କରାଯାଇଛି । ନୂତନ ବ୍ୟବସାୟର ବୃଦ୍ଧି ସମ୍ପର୍କରେ କ୍ୟାନନ ଇଣ୍ଡିଆର ସଭାପତି ତଥା ସିଇଓ ମାନବୁ ୟାମାଜାକି କହିଛନ୍ତି ଯେ, 'ବିଗତ କିଛି ମାସ ହେବ ଆମ୍ଭେମାନେ ଗ୍ରାହକମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ସୁଯୋଗ ପାଇବା ସହିତ କ୍ରମାଗତଭାବେ ଆମ୍ଭମାନଙ୍କର ବ୍ୟବସାୟକୁ ସମ୍ପ୍ରସାରଣ କରିବା ପାଇଁ କାର୍ଯ୍ୟରତ ରହିଛୁ । ଏକ ସ୍ୱତନ୍ତ୍ର ପରିବର୍ତନ ତଥା ଘରୋଇ ବିଭାଗରେ ସ୍ୱତନ୍ତ୍ର ବିକାଶ ସହିତ ଫଟୋ ପ୍ରିଟିଙ୍ଗ କ୍ଷେତ୍ରରେ ବୃଦ୍ଧି ଆମ୍ଭମାନଙ୍କୁ ୨୦୨୧ରେ ବହୁ ନୂତନ ମଡେଲର ଶୁଭାରମ୍ଭ କରିବାରେ ଅଗ୍ରଣୀ କରିପାରିଛି । ଏପରି ଏକ କୌତୁହଳପୂର୍ଣ୍ଣ କଥା ହେଉଛି କି ଚଳିତ ମହାମାରୀ ସମୟରେ ଘରୋଇ ବିଭାଗରେ ଇନକେଜ୍ଜ୍ଟ ପ୍ରିଂଟରର ଚାହିଦା ପୂର୍ବ ମହାମାରୀ ତୁଳନାରେ ୧୫ରୁ ୨୦ ପ୍ରତିଶତ ବୃଦ୍ଧି ହୋଇଛି ।'ପ୍ରଚଳିତ ହାଇବ୍ରିଡ କାର୍ଯ୍ୟ ପ୍ରଣାଳୀ ବ୍ରାଣ୍ଡର ଅଫିସ ଅଟୋମୋସନ ବ୍ୟବସାୟକୁ ବୃଦ୍ଧି କରିବାରେ ସାହାଯ୍ୟ କରୁଛି । ସେମାନଙ୍କ ନେତୃତ୍ୱରେ କ୍ୟାନନ ଇଣ୍ଡିଆ କ୍ରମାଗତଭାବେ ଏ୩ ଏବଂ ଏ୪ ଲେସର କପିୟର ବିଭାଗରେ ବିଗତ ୫ବର୍ଷ ମଧ୍ୟରେ ବଜାରରେ ଏକ ନମ୍ବର ସ୍ଥାନ ଗ୍ରହଣ କରବା ସହିତ ପ୍ରଯୁକ୍ତି କ୍ଷେତ୍ରରେ ନବୀକରଣ ଏବଂ ସେବା ସହାୟତା ସେମାନଙ୍କର ମୁଖ୍ୟ ସଫଳତାର ଚାବି କାଠି ହୋଇପାରିଛି । ପ୍ରଫେସନାଲ ପ୍ରିଟିଙ୍ଗ ଉଦ୍ୟୋଗ ଏବଂ ଡିଜିଟାଲ ପ୍ରିଟିଙ୍ଗ ବଜାରରେ ଫୁଏଲ ବୃଦ୍ଧି କ୍ଷେତ୍ରରେ ଏହାର ନେତୃତ୍ୱକୁ ଶକ୍ତିଶାଳୀ କରିବା ପାଇଁ କ୍ୟାନନ ପକ୍ଷରୁ ସମ୍ପ୍ରତି କିଛି ନୂତନ ଉତ୍ପାଦ ତଥା ଇମେଜ ପ୍ରେସ ସି୧୦୦୧୦ଭିପି, ଇମେଜ ପ୍ରେସ ସି୯୦୧୦ଭିପି, ଇମେଜ ପ୍ରୋଗ୍ରାଫ ଟିଜେଡ ୫୩୦୦ ଏବଂ ଇମେଜ ପ୍ରୋଗ୍ରାଫ ଟିଏକ୍ସ ୫୪୧୦ର ଶୁଭାରମ୍ଭ କରାଯାଇଛି । ଦେଶରେ ବିଭିନ୍ନ ଗ୍ରାହକମାନଙ୍କ ମଧ୍ୟରେ ନୂତନ ଇମେଜ ପ୍ରୋଗ୍ରାଫ ଉତ୍ପାଦକୁ ପହଂଚାଇବା ପାଇଁ କ୍ୟାନନ ପକ୍ଷରୁ ଏକ ନୂତନ ରଣନିତୀ 'ଡେମୋ ଅନ ହ୍ୱିଲ'ର ପରିଚାଳନା କରାଯାଇଛି ।

## ମମିତା ମେହେରଙ୍କୁ ନ୍ୟାୟ ଓ ଅଭିଯୁକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ଦାବିରେ ବିଜେପିର ଆନ୍ଦୋଳନ

ବାଲେଶ୍ୱର (ପି.ଏନ):ମମିତା ମେହେରଙ୍କ ରହସ୍ୟମୟ ଭାବେ ନିଖୋଜ ହେବା ଓ ପରବର୍ତ୍ତୀ ସମୟରେ ନିର୍ମମ ହତ୍ୟା, ଅପରାଧରେ ଗୃହ ରାଜ୍ୟମନ୍ତ୍ରୀ କେପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗରେ ଆଜି ଜିଲ୍ଲା ବିଜେପି ନେତୃତ୍ୱରେ ଜିଲ୍ଲାର ମହିଳାମୋର୍ଚ୍ଚା ସଭାନେତ୍ରୀ ମନୀଷା ବେହେରା ଓ ଯୁବମୋର୍ଚ୍ଚା ସଭାବତି ରାଜେଶ ମହାପାତ୍ରଙ୍କ ସହିତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ମାନେ ଗାନ୍ଧୀ ସ୍ମୃତି ଭବନଠାରୁ ମମିତାଙ୍କୁ ନ୍ୟାୟ ପାଇଁ, ଅପରାଧୀଙ୍କୁ କୋଠର ଦଣ୍ଡରେ ଦଣ୍ଡିତ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଏକ ପଦଯାତ୍ରାରେ ଷ୍ଟେସନ ଛକ ହୋଇ ଫାଣ୍ଡି ଛକଠାରେ ପହଞ୍ଚି ଥିଲେ । ସେଠାରେ ନବୀନ ସରକାରଙ୍କୁ ମହିଳା ବିରୋଧୀ ଚିତ୍ରଣ କରି ବିଭିନ୍ନ ନାରା ଦେଇ, ଅଭିଯୁକ୍ତ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଓ ଗିରଫ ଦାବିରେ ବିରୋଧ ପ୍ରଦର୍ଶନ କରିଥିଲେ । ଶେଷରେ ଅଭିଯୁକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତଳିକା ଦାହ ପୁର୍ବକ ବିରୋଧ ପ୍ରଦର୍ଶନ ଆଜି ପାଇଁ ଶେଷ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ରେମୁଣାର ପୁର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମହିଳାମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ସୁଷମା ବିଶ୍ୱାଳ, ରାଜ୍ୟ ସମ୍ପାଦିକା ଶିପ୍ରା ବିଜପେୟୀ, , ପୁର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ପୁର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଇଶ୍ୱର ଚନ୍ଦ୍ର ବେହେରା, ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଉପସଭାପତି କମଳା ବିନ୍ଧାଣି, ମୀନାକ୍ଷୀ ମହାପାତ୍ର ଓ କମଲଲୋଚନ ଦାସ, ଜିଲ୍ଲା ସମ୍ପାଦକ ଆଶିଷ ଘୋଷ, ବିଭୁ ପ୍ରସାଦ ଦାସ, ପିଙ୍କି ପ୍ରଧାନ ଓ ସସ୍ମିତା ଚାନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ବିପିନ ମାରାଣ୍ଡି, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ମଣ୍ଡଳ ସଭାପତି କୃଷ୍ଣା ଶାହା, ସବୀତା ପାଣିଗ୍ରାହୀ, ନଗର ସଭାନେତ୍ରୀ ସସ୍ମିତା ପଣ୍ଡା, ସଞ୍ଜୁକ୍ତା ମହାପାତ୍ର, ବାସନ୍ତୀ ବେହେରା, ରୁବି ନନ୍ଦ, ଉର୍ମିଳା ବେହେରା, ପ୍ରଶାନ୍ତି ସାହୁ, ପାର୍ବତୀ ଜେନା, ଅବନ୍ତୀ ସାହୁ, ଇତିଶ୍ରୀ ପରିଡା, ସ୍ୱାଧିନ ପଣ୍ଡା, ସୁବୋଧ ପଣ୍ଡା, ମୁନା ମହାନ୍ତ, ଜଳଧର ମହାନ୍ତି, ଦେବବ୍ରତ ମିଶ୍ର, ବବି, ଅରୁପ ଜେନା, ରାଜେଶ, ପ୍ରଫୁଲ୍ଲ ଦ୍ୱିବେଦୀ, ସରୋଜ, ସୋଭାକର ସାହୁ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜୋଗେନ ରଣା, ମଣ୍ଟୁ ପେରିୱାଲ, ସୁରଝଙ୍କାର ସେଠୀ, ପିଣ୍ଟୁ ପୋଦାର, ଦୁଖଃନ, ଲାଲୁ ରାଜବଂଶ, ବିଜୟ ଭାରତୀ, ତରୁଣ ବର୍ଦ୍ଧନ ପ୍ରମୁଖ ଅଂଶଗ୍ରହଣ ।

## ଖଣ୍ଡପଡା ଅଂଚଳରେ ଗଜଲକ୍ଷ୍ମୀଙ୍କ ପୂଜା



ଖଣ୍ଡପଡା,(ପି.ଏନ): ଖଣ୍ଡପଡା ସହରାଚଂଳର ୩ଟି ପୂଜାମଣ୍ଡପ ସମେତ ବିଭିନ୍ନ ସ୍ଥାନରେ ମା ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି । ପୂଜାମଣ୍ଡପ ଗୁଡିକରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ମା ଙ୍କର ମୃଣ୍ମୟୀ ମୂର୍ତୀ ପୂଜା ପାଉଛନ୍ତି । ତେବେ କରୋନା କଟକଣା ଯୋଗୁଁ ପୂଜାମଣ୍ଡପ ଗୁଡିକ ନିକଟରେ ଜନସାଧାରଣଙ୍କ ଭିଡ ସେତେଟା ପରିଲକ୍ଷିତ ହେଉନଥିବା ଜଣାପଡିଛି।

## 'ଉଡ୍ର'ର ଅଷ୍ଟାଦଶ କୁମାରୋତ୍ସବ ; ପଣ୍ଡିତ କେ.ରାମାରାଓ ପାତ୍ରଙ୍କୁ ଗୁରୁ ସହଦେବ ପାଢୀ ସ୍ମାରକୀ ସମ୍ମାନ

ଭୁବନେଶ୍ୱର ,(ପି.ଏନ): ବିଖ୍ୟାତ ଓଡିଶୀ ନୃତ୍ୟଗୁରୁ ସହଦେବ ପାଢୀଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ (ଉଡ୍ର) ଭୁବନେଶ୍ୱର ପାଳନ କରିଛି ଅଷ୍ଟାଦଶ କୁମାରୋତ୍ସବ । ନଭସଂଚାରୀ ସଂଯୋଗରେ ଆୟୋଜିତ ଦୁଇଦିନର କୁମାରୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ସାଂସଦ ତଥା ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ପ୍ରଶାନ୍ତ ନନ୍ଦ, ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ 'ଉଡ୍ର' ଅଧ୍ୟକ୍ଷ ପୂର୍ବତନ ପୋଲିସ ପ୍ରଶାସକ ବଟକୃଷ୍ଣ ତ୍ରିପାଠୀ । ଓଡିଶାର କଳା ସଂସ୍କୃତି ତଥା ଶାସ୍ତ୍ରୀୟ ଓଡିଶୀ ନୃତ୍ୟକୁ ଲୋକାଭିମୁଖୀ କରିବା ପାଇଁ 'ଉଡ୍ର'ର ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ଅନୁଷ୍ଠାନକୁ ସମସ୍ତ ସହଯୋଗ ଯୋଗାଇବାର ସମସ୍ତ ପ୍ରତିଶ୍ରୁତି ଦେଇଥିଲେ ଅତିଥିବୃନ୍ଦ । ବୀଣାବାଦନ ଗୁରୁ ତଥା ବିଶିଷ୍ଟ ସଙ୍ଗୀତଜ୍ଞ ପଣ୍ଡିତ କେ.ରାମାରାଓଙ୍କୁ ୨୦୨୧ବର୍ଷର ସମ୍ମାନଜନକ ଗୁରୁ ସହଦେବ ପାଢୀ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା । ଦଶହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର, ଉପାୟନ ଓ ସ୍ମୃତିଫଳକ ପ୍ରଦାନ ପୂର୍ବକ ପଣ୍ଡିତ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ପରେ 'ଉଡ୍ର' ଗୁରୁ ବିଜୟ ଜେନାଙ୍କ ସଂଯୋଜନାରେ ପ୍ରସ୍ତୁତ କରିଥିଲେ ବୃନ୍ଦ ତବଲା ବାଦନ । ପରେପରେ 'ଆରଭୀ ପଲ୍ଲବୀ' ଶୁଦ୍ଧ ନୃତ୍ୟକୁ ପରିବେଷଣ କରିଥିଲେ ଶିଳ୍ପୀ ସଙ୍ଗୀତ ଗୁରୁ ଉମେଶ ଚନ୍ଦ୍ର ଦାଶ ତାଙ୍କ ପରିଚାଳନାରେ ଦଳଗତ ପରିବେଷଣ 'ଗୀତ ଗୋବିନ୍ଦ' ଅଷ୍ଟପଦୀ ବେଶ୍ ମନଛୁଆଁ ହୋଇଥିଲା । ପରିଶେଷରେ ଉପସ୍ଥାପନା ହୋଇଥିଲା ଦଳଗତ ଉପସ୍ଥାପନା 'ଦେବୀ'। ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ପ୍ରସ୍ତୁତ କାର୍ଯ୍ୟକ୍ରମରେ ଶୁଭଲକ୍ଷ୍ମୀ ପାଢୀ ଓ 'ଉଡ୍ର' ପରିବାରର ସଭ୍ୟଗଣ ସହଯୋଗ ଦେଇଥିଲେ ।



ଅନୁଷ୍ଠାନର ଶିଳ୍ପୀଗଣ ଗୁରୁ ଆରତି କରଙ୍କ ସଂଯୋଜନାରେ ଦଳଗତ ନୃତ୍ୟ ଦ୍ୱୈତ ଓଡିଶୀରେ ବସନ୍ତ ପଲ୍ଲବୀ ପ୍ରସ୍ତୁତ ହୋଇଥିଲା । ଉଡ୍ରରେ ପ୍ରଶିକ୍ଷିତ କଳାକାର

## ରୟାଲଷ୍ଟାଗ #InItToWinIt ଅଭିଜାନ ଅର୍ନ୍ତଗତ ଆଇସିସି ପୁରୁଷ ଟି୨୦ ବିଶ୍ୱକପ ପାଇଁ ରାଲିର ଆୟୋଜନ

କଟକ,(ପି.ଏନ): ଆଇସସିସ ପୁରୁଷ ଟି-୨୦ ବିଶ୍ୱକପ ପାଇଁ ସୀଗ୍ରାମ ରୟାଲଷ୍ଟାଗ ନୂତନ ଉଚ୍ଚ ଶକ୍ତି ଅଭିଯାନ #InItToWinIt ଘୋଷଣା କରିଛି । ଏହି ଅଭିଯାନ କେବଳ କ୍ରିକେଟ ଖେଳର ଉତ୍ସବ ପାଳନ କରେ ନାହିଁ, ବରଂ କପ ଘରକୁ ଆଣିବା ପାଇଁ ଭାରତ ଦଳର ପ୍ରଚେଷ୍ଟାକୁ ସମର୍ଥନ ମଧ୍ୟ କରୁଛି । ପ୍ରସିଦ୍ଧ ଭାରତୀୟ କ୍ରିକେଟର ରୋହିତଶର୍ମା, ଜସପ୍ରୀତ ବୁମ୍ରାଏବଂସୂର୍ଯ୍ୟ କୁମାର ଯାଦବ ତଥା କେନ ୱିଲିୟମସନ, ଆନ୍ଦ୍ରେ ରସେଲ, ମିଚେଲ ଷ୍ଟାର୍କଏବଂ ଡୁପ୍ଲେସିଙ୍କ ଭଳି ବିଶ୍ୱସୁପର ତାରକମାନେ ଯୋଗଏହି ଅଭିଯାନରେ ସାମିଲ ହୋଇଛନ୍ତି । କପ ପାଇଁ ଚାହିଁ ବସିଥିବା ନୀଳରଙ୍ଗରେ ଥିବା ପୁରୁଷମାନଙ୍କ ପଛରେ ଭାରତୀୟ କ୍ରିକେଟ ପ୍ରଶଂସକଙ୍କୁ ରାଲି କରାଇବାକ ଏହି ଅଭିଯାନ ଚେଷ୍ଟାକରିଛି । ରୟାଲଷ୍ଟାଗ'ର ବ୍ରାଣ୍ଡ ଯୋଗାଯୋଗରେ କ୍ରିକେଟ ପାଇଁ ସର୍ବଦା ଏକ ଅଂଶ ହୋଇ ଆସୁଛି । ବର୍ଷବର୍ଷ ଧରି ଆଇସିସି ସହିତ ବ୍ରାଣ୍ଡର ରଣନୈତିକ ଭାଗିଦାରୀ ଏବଂ ବିଶ୍ୱ ଶୀର୍ଷ କ୍ରିକେଟରଙ୍କ ସହ ଯୋଡିହେବା ସମଗ୍ର ବିଶ୍ୱର କ୍ରିକେଟ ପ୍ରଶଂସକଙ୍କ ସହ ଏହା ଜଡିତ ହେବା ଦୃଢ ହୋଇଛି । ଚଳିତ ବର୍ଷ ଏହା ଏକ କ୍ରିକେଟ ପ୍ରେମୀ ରାଷ୍ଟ୍ରର ଭାବନାକୁ ଏହାର ହେସଟେଗ #InItToWinIt ମାଧ୍ୟମରେ ଦୃଢ କରିବାକୁ ଚେଷ୍ଟା କରିଛି ଏବଂ ଦେଶରେ ଭାରତୀୟ କ୍ରିକେଟ ଦଳକୁ ଉତ୍ସାହିତ କରିବା ପଇଁ ଏକ ବିଶାଳ ରାଲିର ଆୟୋଜନ କରିଛି । #InItToWinIt ଅଭିଯାନ ଏକ ରୋମାଂଚକର ଗ୍ରାହକ ପ୍ରଚାର ସହିତ ଆରମ୍ଭ କରାଯାଇଥିଲା, ଯେଉଁଠାରେ ପ୍ରଶଂସକ ମାନେ ସୋସିଅଲ ମିଡିଆ ମାଧ୍ୟମରେ ଅଂଶ କିମ୍ବା ୭୩୨୯୦୭୩୨୯୦ରେ କେବଳ ମିସକଲ ଦେଇ ଅଂଶଗ୍ରହଣ କରିପାରିବେ । ୟୁଏଇ'ରେ ଟି-୨୦ ବିଶ୍ୱକପ ଲାଇଭ ଦେଖିବାର ସୁଯୋଗ ପାଇପାରିବେ । ଡିଜିଟଲ, ପ୍ରିଂଟ, ରେଡିଓ ଏବଂ ଓହୋ ମାଧ୍ୟମଗୁଡିକରେ ଏକ ଉଚ୍ଚ ଡେସିବଲ ୩୬୦ ଯୋଜନା ମାଧ୍ୟମରେ ଏହି ଅଭିଯାନକୁ ବୃଦ୍ଧି କରାଯିବ । ନୂତନ ଅଭିଯାନ ବିଷୟରେ ସୁଚନା ଦେଇ କାର୍ତିକ ମୋହିନ୍ଦ୍ରା, ସିଏମଓ, ପର୍ଣ୍ଣୋଡ ରିକାର୍ଡ ଇଣ୍ଡିଆ କହିଲେ, 'କ୍ରିକେଟସହିତ ଆମର ଯାତ୍ରା୨୦୦୦ ମସିହାରେ ଆରମ୍ଭ ହୋଇଥିଲା । ୨୦୧୮ ପର ଠାରୁ କ୍ରିକେଟ - ଆମର ଗ୍ରାହକଙ୍କ ସର୍ବୋକୃଷ୍ଟ ଆବେଗ'ର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବା ପାଇଁ ଆମ ଯାତ୍ରାରେ ଆମେ ଆଇସିସି ସହ ଅଂଶୀଦାର ହୋଇଛୁ । ଏହିବର୍ଷ ଆମେ ଆମର ପ୍ରଶଂସକ ମାନଙ୍କୁ - ଏକ ଅନୋଖା ଡାକରା ଉପାୟ #InItToWinIt ରେ ବିଶ୍ୱ କପ ଜିତିବା ପାଇଁ ସେମାନଙ୍କର ସାମୂହିକ ସ୍ୱପ୍ନରେ ଏକତ୍ରିତ କରି ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି କରିବାକୁ ଚେଷ୍ଟା କରୁଛୁ । ଆଇସିସି ପୁରୁଷ ଟି୨୦ ବିଶ୍ୱକପ ଆରବ ଏମିରେଟ୍ସ'ରେ ୧୭ଅକ୍ଟୋବର ୨୦୨୧ରୁ ଆରମ୍ଭ ହୋଇ ୧୪ ନଭେମ୍ବର୨୦୨୧ ପର୍ଯ୍ୟ' ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ୨୦୧୮ରେ ଆ'ର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସହିତ ୫ବର୍ଷର ବୈଶ୍ୱିକ ଭାଗିଦାରୀ ରୟାଲଷ୍ଟାଗ ସ୍ୱାକ୍ଷର କରିଛି ଏବଂ ୨୦୨୩ ପର୍ଯ୍ୟ' ସମସ୍ତ ଆଇସିସି କାର୍ଯ୍ୟକ୍ରମ ପାଇଁଏହା ଏକ ସହଯୋଗୀ ପ୍ରାୟୋଜକ ରହିବ ।

## ବାହାରିନ ଓଡ଼ିଆ ସମାଜର ଲିଟିଲ ଇଣ୍ଡିଆ ମହୋତ୍ସବରେ ଯୋଗଦାନ




ମାନାମା,(ପି.ଏନ): ଦ୍ୱୀପପୁଞ୍ଜର ରାଷ୍ଟ୍ର ବାହାରିନଠାରେ ଗତ ଅକ୍ଟୋବର ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ 'ଲିଟିଲ ଇଣ୍ଡିଆ କଲଚରାଲ ଫେଷ୍ଟିଭାଲ୍' ପ୍ରବଳ ଆନନ୍ଦ, ଆଗ୍ରହ, ଉତ୍ସାହ, ଉଲ୍ଲାସ ଏବଂ ଉଦ୍ଦୀପନା ମଧ୍ୟରେ ପାଳନ କରାଯାଇଛି । ସପ୍ତାହବ୍ୟାପୀ ଚାଲିଥିବା ଏହି ମହାସମାରୋହକୁ ବାହାରିନ ଅଥରିଟି ଅଫ କଲଚର ଏଣ୍ଡ ଆଣ୍ଟିକ୍ୱିଟିଜ୍ (ବାକା), ବାହାରିନ ସ୍ଥିତ ଭାରତୀୟ ଦୂତାବାସ (ଇଓଆଇବି), ବାହାରିନର ବିଭିନ୍ନ ସାଂସ୍କୃତିକ ସଂଘ ଏବଂ ବାହାରିନ ଓଡ଼ିଆ ସମାଜ (ବସ୍) ସମେତ ସେଠାକାର ଭାରତୀୟ ସଂପ୍ରଦାୟ ଗୁଡ଼ିକଙ୍କର ସଂଗଠନ ମାନଙ୍କର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା । ଲିଟିଲ ଇଣ୍ଡିଆ କଲଚରାଲ ଫେଷ୍ଟିଭାଲ, ଭାରତ ଓ ବାହାରିନ ମଧ୍ୟରେ କୂଟନୈତିକ ସଂପର୍କ ସ୍ଥାପନର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା । ଏହି ଅନନ୍ୟ ଓ ଅସାଧାରଣ ମହୋତ୍ସବ କୁ ସମ୍ବୋଧନ କରି ବାକାର ସଭାପତି ମହାମାନ୍ୟା ଶେଖା ମାଇ ବିନ୍ତ ମହମ୍ମଦ ଆଲ ଖଲି'।, ଭାରତ ଓ ବାହାରିନର ଇତିହାସ ଓ ଐତିହ୍ୟ ମଧ୍ୟରେ ଥିବା ଅସାମାନ୍ୟ ସାମଞ୍ଜସ୍ୟ ଏହି ଦୁଇଟି ରାଷ୍ଟ୍ରକୁ ପରସ୍ପରର ନିକଟ ଓ ନିବିଡ଼ତର କରିବା ସହିତ ଆମର ସମ୍ମିଳିତ ସଂସ୍କୃତି ଓ ପରମ୍ପରାକୁ ପାଳନ କରିବା ପାଇଁ ମହାର୍ଘ ସୁଯୋଗ ପ୍ରଦାନ କରିଆସୁଛି ବୋଲି ଦର୍ଶାଇଥିଲେ । ମାନାମାର ବାବ ଆଲ ବାହାରିନ ସୁକ ଠାରେ ଆୟୋଜିତ ଏହି ବିରାଟ ଓ ଭବ୍ୟ ଉତ୍ସବରେ ବାହାରିନ ଓଡ଼ିଆ ସମାଜ ଗତ ଅକ୍ଟୋବର ୧୭ ତାରିଖରେ ଅଂଶ ଗ୍ରହଣ କରିଥିଲା । ସମାବେଶକୁ ସମ୍ବୋଧନ କରି 'ବସ୍'ର ସଭାପତି ଦୀନେଶ ମହାନ୍ତି, ବାହାରିନ ଓଡ଼ିଆ ସମାଜକୁ ଏଭଳି ସମ୍ମାନସ୍ପଦ ବିଶ୍ୱ ମଞ୍ଚରେ ଭାଗ ନେବାର ସୁଯୋଗ ଦେଇଥିବାରୁ ବାକା ଓ ଇଓଆଇବି କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଶେଷ କରି ଓଡ଼ିଶାର ଉତ୍କୃଷ୍ଟ ସାଂସ୍କୃତିକ ଐତିହ୍ୟ ଏବଂ ମହାନ୍ କଳା ଚାତୁର୍ଯ୍ୟକୁ ପ୍ରଦର୍ଶନ କରିବାର ଅବସର ଦେଇଥିବାରୁ ଶ୍ରୀ ମହାନ୍ତି ଆୟୋଜକ ମାନଙ୍କ ନିକଟରେ କୃତଜ୍ଞତା ଅର୍ପଣ କରିଥିଲେ । ଏହି ଅବସରରେ ବସ୍‌ର ପ୍ରତିଭା ସମ୍ପନ୍ନ ଓ ପାରଦର୍ଶୀ କଳାକାର ମାନେ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ସଂରଚନା ଏବଂ ଢ଼େମସା, ଡାଲଖାଇ ଓ ରଙ୍ଗବତୀ ଆଦି ଲୋକନୃତ୍ୟ ଓ ସଙ୍ଗୀତକୁ ଆଧାର କରି 'ନୃତ୍ୟ' ଶୀର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ରାତ୍ରର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଚାଲିଥିବା ଏହି ସୃଜନଶୀଳ ସାଂସ୍କୃତିକ ପର୍ବକୁ ଦର୍ଶକ ମାନେ ବେଶ ମନଭରି ଉପଭୋଗ କରିବା ସହିତ ଏହା ଦ୍ୱାରା ମନ୍ତ୍ରମୁଗ୍ଧ ହୋଇଥିବା ଦେଖାଯାଇଥିଲା । ଲବ୍ଧପ୍ରତିଷ୍ଠ ନୃତ୍ୟଶିଳ୍ପୀ ନନ୍ଦିନୀ ଦାଶ, ପ୍ରିୟମ୍ବଦା ସାହୁ ଏବଂ ମିନତୀ କୁମାରୀ ସାହୁ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ । ସୁନାମଧନ୍ୟ ଲୋକନୃତ୍ୟ କଳାକାର ଇପ୍‌ସିତା ନାୟକ, ନିବେଦିତା ନନ୍ଦ, ଅଙ୍କିତା ନାୟକ, ସାଗରିକା ମହାନ୍ତି, ଶିବଶ୍ରୀ ଦାସ, ପ୍ରଭାକର ପାଢ଼ୀ, ଲକ୍ଷ୍ମୀକାନ୍ତ ନନ୍ଦ, ଶାରଦା ପଟ୍ଟନାୟକ, ଅମରେଶ ପଣ୍ଡା ଓ ଦୀପକ ସାହୁ ପ୍ରମୁଖ ଆଦିବାସୀ ଲୋକନୃତ୍ୟ ଢେମସା ପରିବେଷଣ କରିଥିଲେ । ଉଦୀୟମାନ କଳାକାର ଯଶସ୍ୱୀ ଜେନା, ଆଦିତି ସାହୁ ଓ ଅନୁଶ୍ରୀ ପାଢ଼ୀ, ଲୋକପ୍ରିୟ ରଙ୍ଗବତୀ ଓ ଡାଲଖାଇ ନୃତ୍ୟ ମଞ୍ଚସ୍ଥ କରି ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ । ସୁଦକ୍ଷ ଉପସ୍ଥାପିକା ଅର୍ପିତା ସାହୁ ସାଂସ୍କୃତିକ ପ୍ରସ୍ତୁତିଗୁଡ଼ିକର ବେଶ୍ ସୁଚାରୁ ରପେ ସଂଯୋଜନା କରିଥିଲେ । 'ବସ୍'ର ସାଧାରଣ ସମ୍ପାଦକ ଜୟଦୀପ ଜେନା ଅଂଶ ଗ୍ରହଣକାରୀ କଳାକାର ମାନେ ସେମାନଙ୍କର ଅଭୂତପୂର୍ବ ପ୍ରତିଭା ପ୍ରଦର୍ଶନ କରି ଉତ୍ସବକୁ ବିପୁଳ ଭାବରେ ସଫଳ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । 'ବସ୍'ର କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡା, ବାହାରିନ ରେ ଅବସ୍ଥାପିତ ଭାରତବର୍ଷର ରାଷ୍ଟ୍ରଦୂତ ମହାମାନ୍ୟ ଶ୍ରୀ ପୀୟୂଷ ଶ୍ରୀବାସ୍ତବଙ୍କର ପତ୍ନୀ ଶ୍ରୀମତୀ ମୋନିକା ଶ୍ରୀବାସ୍ତବ ଏବଂ ବିଭିନ୍ନ ଦେଶର କୂଟନୈତିକ କର୍ମକର୍ତ୍ତାମାନେ ବିଶିଷ୍ଟ ଅତିଥିଭାବେ ସମାରୋହରେ ସାମିଲ ହୋଇ 'ବସ୍'ର କଳାକାରମାନଙ୍କୁ ଆଶୀର୍ବାଦ କରିବା ସହିତ ଖୁବ୍ ପ୍ରେରଣା ଯୋଗାଇ ଥିବାରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray